# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.67, Bhubaneswar Sunday, April 26,2020 | ୨୩ତମ ବର୍ଷ ସଂଖ୍ୟା-୬୭ ଭୁବନେଶ୍ୱର, ରବିବାର ଅପ୍ରେଲ ୨୬,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ପୁଲଓ୍ୱାମା ଏନକାଉଂଟର, ଯବାନଙ୍କ ଗୁଳିରେ ଟଳିଲେ ୩ ଆତଙ୍କବାଦୀ

**ପୁଲଓ୍ୱାମା, (ପିଏନ)-** ପୁଲଓ୍ୱାମା ଜିଲ୍ଲାର ଅବନ୍ତିପୋରାର ଗୋରିପୋରା ଗାଁରେ ଶନିବାର ସକାଳୁ ଜାରି ଗୁଳି ବିନିମୟରେ ସୁରକ୍ଷାବଳଙ୍କ ଗୁଳିରେ ତିନି ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ନିହତ ଆତଙ୍କବାଦୀଙ୍କ ଚିହ୍ନଟ ହୋଇ ପାରି ନାହିଁ। ସୂତ୍ର ଅନୁସାରେ ମୃତକ ତିନି ଆତଙ୍କବାଦୀ ସ୍ଥାନୀୟ ଅଂଚଳର। ସୁରକ୍ଷାବଳ ଅଂଚଳରେ ଘେରାବନ୍ଦୀ କରି ଗାଁରେ ଯାତାୟାତ କରୁଥିବା ସବୁ ରାସ୍ତାକୁ ସିଲ୍ କରି ଦେଇଛି।

ସୂଚନା ଅନୁସାରେ, ଶନିବାର ସକାଳେ ଜିଲ୍ଲାର ଅବନ୍ତିପୋରାର ଗୋରୀପୋରା ଗାଁରେ ଆତଙ୍କବାଦୀ ଛପି ରହିଥିବା ଗୁଇନ୍ଦା ସୂଚନା ସେନାକୁ ମିଳିଥିଲା। ଏହା ପରେ ସେନାର ୫୦ ଆରଆର, ସିଆରପିଏ' ତଥା ଏସଓଜିର ଏକ ମିଳିତ ଟିମ୍ ଅଂଚଳରେ ଘେରାବନ୍ଦୀ କରି ତଲାସି ଅଭିଯାନ ଆରମ୍ଭ କରିଥିଲେ। ତଲାସି ଅଭିଯାନ ସମୟରେ ସେନାର ଯବାନ ପାଖକୁ ଆସୁଥିବା ଦେଖି ଆତଙ୍କବାଦୀ ଗୁଳିମାଡ ଆରମ୍ଭ କରିଥିଲେ। ଏହା ପରେ ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିଲା। ଏହି ସମୟରେ ଯବାନଙ୍କ ଗୁଳିରେ ତିନି ଜଣ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ସଂପ୍ରତି ଯବାନ ଓ ଆତଙ୍କବାଦୀ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି।

ଉଲ୍ଲେଖନୀୟ ଶୁକ୍ରବାର ବିଳମ୍ବିତ ରାତିରେ ଅନନ୍ତନାଗ ଜିଲ୍ଲାରେ ଖାରପୋରା ଅରଓ୍ୱାନୀ ଅଂଚଳରେ ହୋଇଥିବା ଏକ ଗୁଳି ବିନିମୟରେ ସୁରକ୍ଷାବଳର ଗୁଳିରେ ଦୁଇ ଆତଙ୍କବାଦୀ ପ୍ରାଣ ହରାଇଥିଲେ। ଏହି ଆତଙ୍କବାଦୀ ପୋଲିସକର୍ମୀଙ୍କୁ ଅପହରଣ କରି ନେବା ସମୟରେ ଏହି ଗୁଳି ବିନିମୟ ଘଟିଥିଲା। ଏଥିରେ ପୋଲିସକର୍ମୀ ମଧ୍ୟ ଆହତ ହୋଇଥିଲେ। ଆତଙ୍କବାଦୀଙ୍କ କବଳରୁ ପୋଲିସକର୍ମୀଙ୍କୁ ଉଦ୍ଧାର କରାଯାଇଥିଲା।

## କୋଭିଡ୍-୧୯ ପରିସ୍ଥିତିରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କଲେ ଡିଜିପି

**ଭୁବନେଶ୍ୱର,(ପିଏନ)-** ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ଆଜି ପୂର୍ବାହ୍ନରେ ରାଜ୍ୟ ପୋଲିସ ମୁଖ୍ୟାଳୟ, କଟକ ଠାରେ ଭାରତୀୟ ମେଡ଼ିକାଲ ସଂଘ ଓଡ଼ିଶା ଶାଖାର ପଦାଧିକାରୀ ଓ ସଦସ୍ୟଙ୍କ ସହ ଏକ ବୈଠକ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟସେବା ଅଧିକାରୀ ଓ କର୍ମୀଙ୍କର ସୁରକ୍ଷା ଏବଂ ତାଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ ନିରାକରଣ ସମ୍ବନ୍ଧରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଭାରତୀୟ ମେଡ଼ିକାଲ ସଂଘ ଓଡ଼ିଶା ଶାଖାର ପୂର୍ବତନ ସଭାପତି ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବର୍ତ୍ତମାନର ସଭାପତି ଡାକ୍ତର ନିବେଦିତାପାଣି, ସମ୍ପାଦକ ଡାକ୍ତର ବ୍ରଜକିଶୋର ଦାଶ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। କୋଭିଡ୍-୧୯ ପରିସ୍ଥିତି ସମୟରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କର ସୁରକ୍ଷା ସମ୍ବନ୍ଧରେ ଓଡ଼ିଶା ପୋଲିସର ପ୍ରତିବଦ୍ଧତା ବିଷୟରେ ଡିଜିପି ସୂଚାଇ ଥିଲେ।

ଭାରତୀୟ ମେଡ଼ିକାଲ ସଂଘ ଓଡ଼ିଶା ଶାଖାର ସଦସ୍ୟମାନେ ଏହି ସମୟରେ ପୋଲିସର କଠିନ ପରିଶ୍ରମ ଏବଂ ବିଶେଷକରି ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ପ୍ରତି ଅକୁଣ୍ଠ ସହଯୋଗର ପ୍ରଶଂସା କରିଥିଲେ। ସେମାନେ ମଧ୍ୟ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ କ୍ଷେତ୍ରରେ ଘଟୁଥିବା ହିଂସା ବିରୁଦ୍ଧରେ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏତଦବ୍ୟତୀତ ଜିଲ୍ଲାସ୍ତରରେ ଜିଲ୍ଲା ପୋଲିସ ଏବଂ ଜିଲ୍ଲା ଆଇଏମଏ ଶାଖାର ପଦାଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ମଧ୍ୟ ଅନୁରୋଧ କରିଥିଲେ। ଶେଷରେ ସମ୍ପ୍ରତି ପ୍ରଚଳିତ ସୁରକ୍ଷା ସମ୍ବନ୍ଧୀୟ ବ୍ୟବସ୍ଥାକୁ କୋଭିଡ-୧୯ ପରବର୍ତ୍ତୀ ସମୟରେ ଜାରି ରଖିବାକୁ ଭାରତୀୟ ମେଡ଼ିକାଲ ସଂଘ ଓଡ଼ିଶା ଶାଖାର ପଦାଧିକାରୀମାନେ ଡିଜିପିଙ୍କୁ ନିବେଦନ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ୍ ଶୃଙ୍ଖଳା) ଏହି ଆଲୋଚନା ବୈଠକରେ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ଭିତରେ ହେବ ଚନ୍ଦନଯାତ୍ରା ଓ ରଥ ନିର୍ମାଣ ଅନୁକୂଳ




**ପୁରୀ, (ପିଏନ)-** ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପରାମର୍ଶ କ୍ରମେ ଆସନ୍ତାକାଲି ରବିବାର ଦିନ ଶ୍ରୀମନ୍ଦିର ଭିତରେ ଚନ୍ଦନଯାତ୍ରା ଓ ଅକ୍ଷୟତୃତୀୟା ତିଥିରେ ତିନି ରଥ ନିର୍ମାଣର ଶୁଭାରମ୍ଭ କରାଯିବ। ଜିଲ୍ଲାପାଳ ବଲଓ୍ୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଆଜି ସେବାୟତମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିମାନବଡୁ ସେବାୟତ, ବରିଷ୍ଠ ସେବାୟତଙ୍କୁ ନେଇ ବିଚାର ବିମର୍ଶ କରିବା ପରେ ଶ୍ରୀମନ୍ଦିର ବାହାର ବେଢାରେ ଥିବା ସ୍ନାନମଣ୍ଡପ ଓ ଚାହାଣି ମଣ୍ଡପ ମଝିରେ ରଥ ନିର୍ମାଣର ଅନୁକୂଳ କରାଯିବାକୁ ନିଷ୍ପତି ହୋଇଛି। ସେହିପରି ଚନ୍ଦନଯାତ୍ରା ପାଇଁ ୨ଟି ପିତଳ ଜଳକୁଣ୍ଡରେ ରଖାଯାଇ ନରେନ୍ଦ୍ର ପୁଷ୍କରିଣୀ ପରି ଚାପ ସହ ୨୧ଦିନ ମହାପ୍ରଭୁ ଜଳକ୍ରୀଡ଼ା କରିବେ। ପାରମ୍ପରିକ ରୀତି ନୀତି ଅନୁଯାୟୀ, ଅକ୍ଷୟ ତୃତୀୟା ତିଥିରେ ବିଶ୍ୱକର୍ମା ମହାରଣାମାନେ ତିନୋଟି ୧୨ ଫୁଟିଆ ଧଉରା କାଠରେ ସୁନା, ରୂପା ବାରିଶ ଲଗାଇ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିବେ। ସେଠାରେ ବନଯାଗ ଯଜ୍ଞ ଦୁଇଜଣ ଦେଉଳ ପୁରୋହିତ ଓ ସ୍ରୋତୀୟ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ ସହ ନୀତି ସମାପନ କରାଯିବ। ତିନୋଟି ଧଉରା କାଠକୁ ସ୍ନାନ କରିବା ପରେ ଫୁଲ, ଚନ୍ଦନ, ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରାଯିବ। ପରେ ଅନୁକୂଳ ଭୋଗ କରାଯିବ। ଶେଷରେ ତିନି ରଥର ମୁଖ୍ୟ ମହାରଣାମାନେ ତିନୋଟି କାଠରେ ସେମାନଙ୍କ ବାରିଶର ଶୁଭ ସ୍ପର୍ଶ କରିବେ। ସେହିପରି ଚନ୍ଦନଯାତ୍ରା ପାଇଁ ବିଧି ମୁତାବକ ପାଳିଆ ସେବାୟତମାନେ ଦୁଇଟି ପିତଳ ଜଳକୁଣ୍ଡ ରଖି ସେଥିରେ ଜଳକ୍ରୀଡା କରାଇବେ। ପଂଚ ମହାଦେବ ସେବାୟତଙ୍କ ସହ ଜିଲ୍ଲାପାଳ ଆଲୋଚନା କରିବା ପରେ ସେମାନେ ସେମାନଙ୍କର କର୍ତବ୍ୟ ପାଳନ କରିବେ। ୨୧ ଦିନ ଧରି ଅନୁଷ୍ଠିତ ହେଉଥିବା ବାହାର ଚନ୍ଦନଯାତ୍ରା ଶ୍ରୀମନ୍ଦିର ଭିତରେ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଯାତ୍ରା ବିଧିର କୌଣସି ପରିବର୍ତନ ନହୋଇ କେବଳ ସ୍ଥାନର ପରିବର୍ତନ ହୋଇଛି। ଜଗଦଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ପରିଚାଳନା କମିଟି ସଦସ୍ୟ ଓ ବରିଷ୍ଠ ସେବାୟତମାନେ ବହୁ ବିଚାର ବିମର୍ଶ ପରେ ଏଭଳି ନିଷ୍ପତି ନେଇଥିବା କୁହାଯାଉଛି। କରୋନା ମହାମାରୀ ସ୍ଥିତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ ଡାଉନ ଜାରି କରିଛନ୍ତି। ଏଣୁ ମନ୍ଦିର ବାହାରେ କୌଣସି ଧାର୍ମିକ ପର୍ବରେ ୫ ଜଣରୁ ଅଧିକା ଭକ୍ତ ରହି ପାଳନ କରିବା ଉପରେ ରୋକ୍ ଲଗାଯାଇଛି। ମାନବ କଲ୍ୟାଣ ଓ ସୁରକ୍ଷାକୁ ଦୃଷ୍ଟି ଦିଆଯାଇ ଏଭଳି ନିଷ୍ପତି ନିଆଯାଇଛି ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ ମତ ଦେଇଛନ୍ତି।

# ସଞ୍ଜୀୟ କୋଠାରୀଙ୍କୁ ସିଭିସି ପଦରେ ଶପଥ ପାଠ କରାଇଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ, (ପିଏନ)-** ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ରାଷ୍ଟ୍ରପତି ଭବନରେ ସଞ୍ଜୀୟ କୋଠାରୀଙ୍କୁ କେନ୍ଦ୍ରୀୟ ସତର୍କତା ଆୟୁକ୍ତ(ସିଭିସି) ପଦରେ ଶପଥ ପାଠ କରାଇଛନ୍ତି। ସମାରୋହରେ ଉପ ରାଷ୍ଟ୍ରପତି ଏମ.ଭେଙ୍କେୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟ ଗଣମାନ୍ୟ ଲୋକ ମଧ୍ୟ ଉପସ୍ଥିତ ଥିଲେ।

ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ସାମାଜିକ ଦୂରତ୍ୱ ନିୟମର ପାଳନ କରାଯିବା ସହିତ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପ ରାଷ୍ଟ୍ରପତି ଏମ, ଭେଙ୍କେୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହିତ ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ମନ୍ତ୍ରୀ ଓ ଅଧିକାରୀ ମାସ୍କ ଲଗାଇଥିଲେ। ସଞ୍ଜୀୟ କୋଠାରୀ ହରିୟାଣା କ୍ୟାଡରର ୧୯୭୮ ବ୍ୟାଚର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ। ଏହା ପୂର୍ବରୁ ସେ ସାର୍ବଜନୀନ ଚୟନ ବୋର୍ଡର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ଫେବୃଆରୀ ୨୯ରେ ଯେବେ କୋଠାରୀଙ୍କ ଚୟନ ସିଭିସି ରୂପେ ହୋଇଥିଲା, ସେହି ସମୟରେ ସେ ରାଷ୍ଟ୍ରପତିଙ୍କ ସଚିବ ଭାବେ କାର୍ଯ୍ୟରତ ଥିଲେ। ଉଲ୍ଲେଖନୀୟ ମୁଖ୍ୟ ସତର୍କତା ଆୟୋଗ ପଦ ୨୦୧୯ ଜୁନ ମାସରୁ ଖାଲି ରହିଥିଲା। ସିଭିସିର କାର୍ଯ୍ୟ ଦେଶରେ ଦୁର୍ନୀତିଖୋରଙ୍କ ଉପରେ ନଜର ରଖିବା ହୋଇଥାଏ। ଏହା ଏକ ସ୍ୱାୟତ ପଦ।

### ସର୍ବଭାରତୀୟ ପରିବହନ ସଂଘର ପ୍ରତିନିଧି ମାନଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ

# ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ପରିବହନ ଯୋଗାଣ ଉପରେ ଗୁରୁତ୍ୱ



**ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ)-** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସର୍ବଭାରତୀୟ ପରିବହନ ସଂଘର ପ୍ରତିନିଧି ମାନଙ୍କ ସହ ଭିଡିଓ କନଫରେନ୍ସିଂ ଯୋଗେ ଆଲୋଚନା କରିବା ଅବସରରେ ଦେଶରେ ପେଟ୍ରୋଲିୟମ ଉତ୍ପାଦ ଓ ଏଲପିଜିର ନିରନ୍ତର ପରିବହନ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଲକ୍ ଡାଉନ ଭଳି ଜରୁରୀକାଳୀନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀକୁ ସଠିକ୍ ଭାବରେ ପହଁଚାଯାଉଥିବାରୁ ପରିବହନ ସଂଘର କର୍ମଚାରୀ ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ଶ୍ରୀ ପ୍ରଧାନ।

ଦେଶରେ ପେଟ୍ରୋଲିୟମ ଉତ୍ପାଦ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ଏବେ ପାଇପଲାଇନ ଏବଂ ଜାତୀୟ ରାଜପଥ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏଭଳି ସମୟରେ ଗାଡିଚାଳକ ମାନେ ଦେଶର କୋଣ ଅନୁକୋଣରେ ଖାଦ୍ୟ ସାମଗ୍ରୀ ସମେତ ଅନ୍ୟ ପେଟ୍ରୋଲିୟମ ଓ ଏଲପିଜି ଯୋଗାଣକୁ ସୁନିଶ୍ଚିତ କରିଛନ୍ତି। ପରିବହନ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବା ନେଇ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

ଭାରତ ଓ କରୋନା ମୁକାବିଲାରେ ପ୍ରଧାନମନ୍ତ୍ରୀଙ୍କ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ଅଭିନବ ପଦକ୍ଷେପ ପ୍ରଶଂସନୀୟ। ଆମେରିକା ଭଳି ଶକ୍ତିଶାଳୀ ରାଷ୍ଟ୍ରରେ ଆମେରିକା ରାଷ୍ଟ୍ରପତି ଦେଶର ଲୋକଙ୍କୁ ଧ୍ୟାନ ଦେବା ପରିବର୍ତେ ଅର୍ଥନୀତିକୁ ଧ୍ୟାନ ଦେଲେ। ମାତ୍ର ଦେଶରେ ପ୍ରଧାନମନ୍ତ୍ରୀ ମୋଦି ବିକାଶଶୀଳ ରାଷ୍ଟ୍ର ଭାରତରେ ଅର୍ଥନୀତି ଅପେକ୍ଷା ଲୋକଙ୍କ ଜୀବନକୁ ଅଧିକ ଗୁରୁତ୍ୱ ଦେଲେ। ଏହି କାରଣରୁ ଆଜି ଭାରତରେ କରୋନା ସଂକ୍ରମିତ ସଂଖ୍ୟା କମ ଓ ଆମେରିକାରେ କୋରନା ମୃତ୍ୟୁଙ୍କ ସଂଖ୍ୟା ଅଧିକ। ପ୍ରଧାନମନ୍ତ୍ରୀ ମୋଦି ଲକ୍ ଡାଉନ୍ କରିବା ପରେ ପରେ ସଙ୍ଗେ ସଙ୍ଗେ ଗରିବଙ୍କ ଖାଦ୍ୟ କଥା ଚିନ୍ତା କଲେ ଏବଂ ଏଥିପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ୍ ଘୋଷଣା କଲେ। ଆଜି ଦେଶରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଲୋକଙ୍କର ଆତ୍ମବିଶ୍ୱାସ ବଢିଛି ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସମସ୍ତଙ୍କୁ କରୋନା ପାଇଁ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବା ସହ ଆରୋଗ୍ୟ ସେତୁ ଆପ୍ ଡାଉନଲୋଡ୍ କରିବା ଏବଂ ଅନ୍ୟମାନଙ୍କୁ ଏଥିପାଇଁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ ଶ୍ରୀ ପ୍ରଧାନ ଗାଡି ଚାଳକଙ୍କ ସୁରକ୍ଷା ଓ ନିରାପତା ଉପରେ ମଧ୍ୟ କଥା ହୋଇଥିଲେ। ଏତଦବ୍ୟତିତ କରୋନା ସଂକ୍ରମଣକୁ ଦୂର କରିବା ତଥା ଗାଡି ସଫା କରିବାକୁ ବିଭିନ୍ନ ପେଟ୍ରୋଲ ପମ୍ପ ପାଖରେ ସ୍ୱୟଂଚାଳିତ ସ୍ୱଚ୍ଛତା କେନ୍ଦ୍ର ଖୋଲିବା ପାଇଁ ସଭାପତିମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ଆଲୋଚନା ସମୟରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କୋଲ୍ ଇଣ୍ଡିଆ ଏବଂ ପେଟ୍ରୋଲିୟମ କମ୍ପାନୀର ବରିଷ୍ଠ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଖୋଲିବ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ

## ସାମାଜିକ ଦୂରତ୍ୱ ପାଳିବେ, ୫୦ % କର୍ମଚାରୀ କାମ କରିବେ

**ଭୁବନେଶ୍ୱର,(ପିଏନ)-** ଲକ୍ ଡାଉନ୍ ସମୟରେ ଦୋକାନ ଖୋଲିବା ନେଇ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିବା ପରେ ରାଜ୍ୟ ସରକାର ମଧ୍ୟ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ଅନୁସାରେ ଆଜିଠାରୁ ରାଜ୍ୟରେ ଅଣଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ଅନୁମତି ମିଳିଛି। କିନ୍ତୁ ଏଥିପାଇଁ କେତେକ ସର୍ତ ରଖାଯାଇଛି। ଦୋକାନ ଖୋଲିଲେ ମଧ୍ୟ ୫୦ ପ୍ରତିଶତ କର୍ମଚାରୀ କାମ କରିପାରିବେ। ଏହା ସହ ସମସ୍ତେ ମାସ୍କ ପିନ୍ଧିବାକୁ ବାଧ୍ୟ। ସେହିପରି ସପିଂ ମଲ୍ କିମ୍ବା ସପିଂ କମ୍ପ୍ଲେକ୍ସ ଖୋଲି ପାରିବ ନାହିଁ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

ଅନ୍ୟପକ୍ଷରେ ହଟସ୍ପଟ କିମ୍ବା କଂଟେନମେଂଟ ଜୋନ୍ ଅଂଚଳରେ ପୂର୍ବଭଳି କୌଣସି ଦୋକାନ ଖୋଲି ପାରିବ ନାହିଁ। ତେବେ କେଉଁ ଦୋକାନ ଖୋଲିବ ଜିଲ୍ଲାପାଳ ଓ କମିଶନର ନିଷ୍ପତି ନେବେ ବୋଲି କୁହାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଦୋକାନ ଗୁଡିକ ଖୋଲା ରହିବ - ସପ୍ ଆଣ୍ଡ ଏଷ୍ଟାବ୍ଲିସମେଂଟ ଆକ୍ଟରେ ପଞ୍ଜିକୃତ ହେଇଥିବା ସମସ୍ତ ଦୋକାନ- ପୌରପାଳିକା ଅଂଚଳ ବାହାରେ ଥିବା ରେସିଡେନ୍ସିଆଲ କଂପ୍ଲେକ୍ସ ଓ ମାର୍କେଟ କଂପ୍ଲେକ୍ସରେ ଥିବା ଦୋକାନ- ରେସିଡେନସିଆଲ ଅଂଚଳ ଓ ଏହା ଆଖପାଖ ବଜାରରେ ଥିବା ଦୋକାନ- ଗ୍ରାମାଂଚଳରେ ସବୁ ପ୍ରକାର ପଞ୍ଜିକୃତ ଦୋକାନ- ସହରାଂଚଳରେ କେବଳ ଗୋଟିକିଆ ଦୋକାନ ଖୋଲାଯାଇ ପାରିବଅପରପକ୍ଷରେ ମଲ୍ଟି ବ୍ରାଣ୍ଡିଂ କିମ୍ବା ସିଙ୍ଗଲ ବ୍ରାଣ୍ଡିଂ ମଲ୍ ଖୋଲା ଯାଇ ପାରିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

## ଓଡିଶା ଫେରିବାକୁ ଚାହୁଁଥିବା ପ୍ରବାସୀ ଓଡିଆଙ୍କ ପଂଜୀକରଣ ପାଇଁ ଆଧାର ନମ୍ବର ଜରୁରୀ

**ଭୁବନେଶ୍ୱର,(ପିଏନ)-** ରାଜ୍ୟ ବାହାରେ ରହୁଥିବା ଓଡିଆମାନେ ଲକ୍ ଡାଉନ୍ ପରେ ଓଡିଶା ଆସିବାକୁ ଚାହୁଁଥିଲେ ଏଥିପାଇଁ ପଂଜୀକରଣ ବାଧ୍ୟତାମୂଳକ କରାଯାଇଛି। ଏହି ପ୍ରକ୍ରିୟା ଗତକାଲି ଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଆଧାର ଓ ମୋବାଇଲ୍ ନମ୍ବର ପ୍ରଦାନ ବାଧ୍ୟତାମୂଳକ ବୋଲି ପଂଚାୟତିରାଜ ବିଭାଗ ସଚିବ ଦେଓ ରଂଜନ ସିଂହ ସୂଚନା ଦେଇଛନ୍ତି।

ସ୍ଥାନୀୟ ଗୀତ ଗୋବିନ୍ଦ ସଦନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଓଡିଶା ଫେରିବାକୁ ଚାହୁଁଥିବା ପ୍ରବାସୀ ଓଡିଆ ମାନଙ୍କ ପାଇଁ ରେଜିଷ୍ଟ୍ରେସନ୍ ଲାଗି ରାଜ୍ୟ ସରକାର ଏକ ପୋର୍ଟାଲ ଖୋଲିଛନ୍ତି। ୩ ଟି ଉପାୟରେ ସେମାନେ ପଂଜୀକରଣ କରିପାରିବେ। ବ୍ୟକ୍ତି ଜଣକ ମୋବାଇଲ କିମ୍ବା କମ୍ପ୍ୟୁଟର ମାଧ୍ୟମରେ ନିଜ ପାଇଁ ରେଜିଷ୍ଟ୍ରେସନ୍ କରିପାରିବେ। ସେହିପରି ବ୍ୟକ୍ତିଙ୍କ ସମ୍ପର୍କୀୟ ମଧ୍ୟ ଅନଲାଇନ୍ ରେ ରେଜିଷ୍ଟ୍ରେସନ୍ କରିପାରିବେ। ଏହା ବ୍ୟତୀତ ଗ୍ରାମାଂଚଳରେ ଫର୍ମ ପୂରଣ କରି ସମ୍ପର୍କୀୟ ମାନେ ରେଜିଷ୍ଟର କରିପାରିବେ। ଏଥିରେ ସହାୟତା ପାଇଁ ଓ୍ୱାର୍ଡ ମାନଙ୍କରେ ନୋଡାଲ ଅଫିସର ନିଯୁକ୍ତ ଅଛନ୍ତି।

ପଂଜୀକରଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ସଚିବ ଶ୍ରୀ ସିଂହକହିଥିଲେ ଯେ ରାଜ୍ୟ ବାହାରେ ରହୁଥିବା ବ୍ୟକ୍ତି ଛାତ୍ର କିମ୍ବା ତୀର୍ଥଯାତ୍ରୀ କିମ୍ବା ଅନ୍ୟାନ୍ୟ କାରଣ ପାଇଁ ସେଠାକୁ ଯାଇଥିଲେ ତାହା ଜଣାଇବାକୁ ହେବ। କେଉଁ ରାଜ୍ୟର କେଉଁ ସହରରୁ ଆସିବେ ଏବଂ ଓଡିଶାର କେଉଁ ଜିଲ୍ଲା ବା ସହରକୁ ଯିବେ ସମସ୍ତ ବିବରଣୀ ଦାଖଲ କରିବାକୁ ହେବ। ଏଥିପାଇଁ ଆଧାର ନମ୍ବର ଓ ମୋବାଇଲ ନମ୍ବର ଦେବାକୁ ବାଧ୍ୟତାମୂଳକ କରାଯାଇଛି। ସମ୍ପର୍କୀୟ ପଂଜୀକରଣ କରାଉଥିଲେ ମଧ୍ୟ ତାଙ୍କ ମୋବାଇଲ୍ ନମ୍ବର ଦେବାକୁ ହେବ।

ଓଡିଶା ଫେରିବା ପରେ ସେମାନଙ୍କୁ ୧୪ ଦିନ ପାଇଁ କ୍ୱାରେଂଟାଇନ୍ ରେ ରଖାଯିବ। ଏହା ପରେ ସେ ସୁସ୍ଥ ଥିଲେ ଘରକୁ ଯାଇ ପାରିବେ। ତେଣୁ ଭୟଭିତ ନହୋଇ ତଥ୍ୟ ଦେବାକୁ ସଚିବ ଶ୍ରୀ ସିଂହ କହିଛନ୍ତି।

## ଦୋକାନ ଖୋଲିବାନେଇ ସ୍ୱରଷ୍ଟ୍ର ମନ୍ତ୍ରଣାଳୟର ସ୍ପଷ୍ଟୀକରଣ

**ନୂଆଦିଲ୍ଲୀ ,(ପିଏନ)-** ଦୋକାନ ଖୋଲିବାକୁ ଅନୁମତି ଦେବା ଲାଗି ଲକଡାଉନ ଅବଧିର ମାର୍ଗଦର୍ଶିକାକୁ ସଂଶୋଧନ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗତକାଲି ଏକ ଏକୀକୃତ ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି କରିଛି। ଗ୍ରାମାଂଚଳରେ, ସପିଂ ମଲ ବ୍ୟତୀତ ସମସ୍ତ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ସହରାଂଚଳରେ, ସମସ୍ତ ଏକାକୀସ୍ଥିତ ଦୋକାନ, ପଡ଼ୋଶୀ ଏବଂ ଆବାସିକ କମ୍ପ୍ଲେକ୍ସ ଗୁଡିକର ନିକଟରେ ଥିବା ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ବଜାର / ମାର୍କେଟ କମ୍ପ୍ଲେକ୍ସ ଏବଂ ସପିଂ ମଲ ଦୋକାନଗୁଡିକୁ ଖୋଲିବାକୁ ଅନୁମତି ନାହିଁ। ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ଇ-କମର୍ସ କମ୍ପାନୀଗୁଡିକୁ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ ପାଇଁ ଅନୁମତି ଦିଆଯିବ। ଏହା ଆହୁରି ମଧ ସ୍ପଷ୍ଟ କରାଯାଇଛି ଯେ,କୋଭିଡ୍ -୧୯ ପରିଚାଳନା ପାଇଁ ଜାତୀୟ ନିର୍ଦ୍ଦେଶରେ ଉଲ୍ଲେଖ ରହିଥିବା ମଦ ଏବଂ ଅନ୍ୟାନ୍ୟ ଜିନିଷ ବିକ୍ରୟ ନିଷେଧରହିବ। ଏକୀକୃତ ସଂଶୋଧିତ ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଥିବା ଭଳି, ରାଜ୍ୟ/କେନ୍ଦ୍ରଶାସିତ ଗୁଡିକର ସମ୍ପୃକ୍ତ ଗ୍ରାମାଂଚଳ କିମ୍ବା ସହରାଂଚଳରେ ଅବରୋଧ କ୍ଷେତ୍ର ଭାବେ ଘୋଷିତ ଅଂଚଳରେ ଥିବା ଦୋକାନଗୁଡିକୁ ଖୋଲିବାକୁ ଅନୁମତି ଦିଆଯିବ ନାହିଁ।

# କେନ୍ଦୁଝର ଜିଲ୍ଲାରେ ଦୁର୍ଦ୍ଦିନରେ ପରିବା ଚାଷୀ : ଦୋହଲି ଯାଇଛି ଆର୍ଥିକ ମାନଦଣ୍ଡ

**କେନ୍ଦୁଝର, (ପିଏନ)-** ବିଶ୍ୱରେ କରୋନାର ଭୟାବହତା ଲାଗି ରହିଥିବା ବେଳେ ଏହାର ମୁକାବିଲା କରିବା ଲକ୍ଷ୍ୟରେ ସମଗ୍ର ଭାରତ ବର୍ଷ ଏବେ ଲକ୍ ଡାଉନ ମଧ୍ୟରେ ରହିଛି। ଓଡିଶା ରାଜ୍ୟରେ କରୋନା ବର୍ତମାନ ସୁଦ୍ଧା ନିୟନ୍ତ୍ରଣରେ ରହିଥିବା ବେଳେ କେନ୍ଦୁଝର ଜିଲ୍ଲା ଅଦ୍ୟାବଧି ଏକ ପ୍ରକାର କରୋନା ପଜିଟିଭ ମୁକ୍ତ ଜିଲ୍ଲା ଭାବେ ରହିଛି। କିନ୍ତୁ କେନ୍ଦୁଝର ଜିଲ୍ଲାରେ ଚାଷ ଉପରେ ନିର୍ଭରଶୀଳ ଚାଷୀ ପରିବାର ନିଜର ପନିପରିବା ଏବଂ ବିକ୍ରି ପାଇଁ ସଂଚିତ ଚାଉଳ ବିକ୍ରୀ କରିନପାରି ଘୋର ଦୁର୍ଦ୍ଦିନ ମଧ୍ୟରେ କାଳ କାଟୁଛନ୍ତି। କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ପନିପରିବା ଉତ୍ପାଦନ ଅଧିକ ହୋଇଥାଏ। ବଜାର ଚାହିଦା ରହିଥିଲେ ମଧ୍ୟ ଲକ୍ ଡାଉନ ପାଇଁ ଚାଷୀମାନେ ନିଜର ଉତ୍ପାଦିତ ପନିପରିବା ବଜାରକୁ ଆଣି ପାରୁ ନାହାଁନ୍ତି। ସରକାର ଚାଷୀମାନଙ୍କ କ୍ଷେତ୍ରରେ କିଛି ପରିମାଣରେ କଟକଣା କୋହଳ କରିଥିଲେ ମଧ ପୋଲିସ ତାକୁ ପାଳନ କରୁନାହିଁ। ଯାହା ଫଳରେ ପନିପରିବା କିମ୍ବା ଅମଳ ଚାଉଳକୁ ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀଙ୍କୁ ସେସବୁ ବିକ୍ରି ପାଇଁ ଗୁରୁତର ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି। ପୋଲିସର ଆଖିବୁଜା ମାଡ ଭୟରେ ସେମାନେ ନିଜ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ବଜାର ଆଣି ପାରୁ ନାହାଁନ୍ତି। ସେମାନଙ୍କ ମଧ୍ୟରେ ଭୟର ବାତାବରଣ ଲାଗି ରହିଛି। ଚଳିତ ବର୍ଷ ଚାଷୀମାନେ ନିଜର ବିନିଯୋଗ ଅର୍ଥ ପାଇବେକି ନାହିଁ ତାକୁ ନେଇ ସନ୍ଦିହାନ ହୋଇପଡିଛନ୍ତି।

ବର୍ତମାନ ପରିସ୍ଥିତିରେ ସହର ବଜାର ବନ୍ଦ ଥିବାରୁ ବଡ ବଡ ହୋଟେଲ, ଦୋକାନ, ଆବାସିକ ବିଦ୍ୟାଳୟ, ଛାତ୍ରାବାସ ମାନଙ୍କରେ ଆବଶ୍ୟକ ହେଉଥିବା ପନିପରିବା ଯୋଗାଣ ବି ବନ୍ଦ ରହିଛି। ଅପରପକ୍ଷରେ ପୋଲିସ ଭୟରେ ଚାଷୀମାନେ ନିଜର ଉତ୍ପାଦିତ ପରିବା ବଜାରକୁ ଆଣିପାରୁ ନାହାଁନ୍ତି ଓ ଖାଉଟିମାନେ ମଧ୍ୟ ବଜାରକୁ ଯାଇ ନିୟମିତ ପରିବା କିଣିପାରୁ ନାହାଁନ୍ତି। ବାଇକ୍, ସ୍କୁଟର ଆଦି ଚଳାଚଳ ଉପରେ କଟକଣା ଯୋଗୁଁ ଦୂର ସ୍ଥାନରେ ରହୁଥିବା ପରିବାର, ବିଶେଷ ଭାବେ ବରିଷ୍ଠ ନାଗରିକମାନଙ୍କ ପାଇଁ ସମସ୍ୟା ହୋଇଛି। ଯଦ୍ୱାରା ଚାଷୀମାନେ ଚାହିଦା ମୁତାବକ ପରିବା ବିକ୍ରୀ କରିପାରୁନାହାନ୍ତି। ଯେଉଁ କେତେକ ମୁଷ୍ଟିମେୟ ଚାଷୀ ବଜାରକୁ ପରିବା ବିକ୍ରୟ କରିବା ପାଇଁ ଆସୁଛନ୍ତି ଦିନ ୧୧ଟା ଭିତରେ ବଜାର ବନ୍ଦ ହୋଇ ଯାଉଥିବାରୁ ସ୍ୱଳ୍ପ ମୂଲ୍ୟରେ ପରିବା ଦେଇ ଘରକୁ ଚାଲିଯିବାକୁ ନିରାପଦ ମଣୁଛନ୍ତି। ଏହାର ଫାଇଦା ବେପାରୀମାନେ ଉଠାଉଥିଲେ ହେଁ ଉପଭୋକ୍ତାମାନେ ଚଢ଼ା ଦରରେ ପରିବା କିଣିବାକୁ ସ୍ୱାଭାବିକ୍ ଭାବେ ବାଧ ହେଉଛନ୍ତି। କେତେକ ଚାଷୀ ପୋଲିସ ଭୟରେ ସାହି ବସ୍ତିରେ ଆଉ ଆଗଭଳି ବୁଲି ପରିବା ବିକ୍ରୀ କରି ପାରୁନାହାଁନ୍ତି। ସାପ୍ତାହିକ ହାଟ ବନ୍ଦ ହୋଇଯାଇଥିବାବେଳେ ପରିବା ବଜାରରେ କଟକଣା ଲାଗୁ ହୋଇଥିବାରୁ ଅମଳ ପନିପରିବା ବିକ୍ରି ହୋଇ ପାରୁନାହିଁ। ଏଣୁ ଚାଷୀଙ୍କ ଏକର ଏକର ଜମିରେ ପରିବା ନଷ୍ଟ ହେବାରେ ଲାଗିଛି। ବହୁକଷ୍ଟରେ ଧାରକରଜ କରି ବାଡି ବଗିଚା ତଥା ଜମିରେ ପାଣି ମଡାଇ ବାଇଗଣ, ବିଲାତି, ବୋଇତାଳୁ, ଝୁଡଙ୍ଗ, ବିନ୍ସ, କଲରା, ରୁମାଛୁଇଁ, ଭେଣ୍ଡି, ପୋଇ, ଲଙ୍କା, ମୂଳା, କାକୁଡି, ଲାଉ, ଗାଜର, ପୋଟଳ ଆଦି ଚାଷ କରିଛନ୍ତି। ପରିବା ବିକିଲେ ଋଣ ପରିଶୋଧ କରିବେ ଏବଂ ପରିବାର ଗୁଜୁରାଣ ମେଂଟାଇବେ ବୋଲି ଆଶା କରିଥିଲେ। କେନ୍ଦୁଝର ସହର ତଥା ଜିଲ୍ଲାରେ ଶୀତଳଭଣ୍ଡାର ନଥିବାରୁ ପନିପରିବା ମଧ୍ୟ ଗଚ୍ଛିତ ରହି ପାରୁନାହିଁ। ଫଳରେ ରବି ଋତୁରେ ପନିପରିବା ଚାଷ କରିଥିବା ଚାଷୀ ମାନେ ଅଧିକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ପାଟଣା ବ୍ଲକ ବାଉଁଶୁଳୀ ପଂଚାୟତ ଭଅଁରପୁର ଗ୍ରାମର ଗୋବର୍ଦ୍ଧନ ନାୟକ ନାମକ ଚାଷୀ ତାଙ୍କର ଉତ୍ପାଦିତ ପରିବା ବିକ୍ରୀ କରି ପାରୁନଥିବାରୁ ହାତଉଧାରି କିପରି ସୁଝିବେ ତାକୁ ନେଇ ଚିନ୍ତାରେ ଅଛନ୍ତି। ପ୍ରତ୍ୟେକ ବର୍ଷ ଚାଷରୁ ସେ ପ୍ରାୟ ୫୦ ହଜାର ଟଙ୍କା ଆୟ କରିଥାନ୍ତି। ଚଳିତ ବର୍ଷ କରୋନା ଯୋଗୁଁ ହାଟ ବନ୍ଦ ଅଛି। ବାହାରୁ ବେପାରୀ ଆସି ପାରୁନଥିବା ବେଳେ ନିଜେ ମଧ୍ୟ ଯିବା ସମ୍ଭବ ହେଉନାହିଁ। ବିଲରେ ପନିପରିବା ପଡି ନଷ୍ଟ ହେଉଛି। ଆଖିର ଲୁହ ହୃଦୟର କୋହକୁ ଚାପି ବଂଚିବାକୁ ପଡୁଛି। ଚାଷ ପାଇଁ ଆବଶ୍ୟକ ଜଳ ଉଠାଇବା ପାଇଁ ବ୍ୟବହୃତ ପମ୍ପ ଚଲାଇବା ପାଇଁ କିରୋସିନ ମଧ୍ୟ କିଣିବା ପାଇଁ ଚାଷୀମାନେ ଅକ୍ଷମ ହେଉଛନ୍ତି। ବସନ୍ତ ଓ ଗ୍ରୀଷ୍ମ ଋତୁରେ ଆବଶ୍ୟକତାକୁ ଲକ୍ଷ୍ୟ ରଖି ଚାଷୀମାନେ ଚାଷ କରିଥିବା ମକା, ବୋଇତାଳୁ, ବିଭିନ୍ନ କିସମ ଶାଗ ଇତ୍ୟାଦି ବିକ୍ରୀ ନହୋଇ ଜମିରେ ପଡି ରହିଥିବାରୁ ସେମାନେ ଆଶା କରିଥିବା ଲାଭ ତ ଦୂରେ ଥାଉ ସେମାନେ ମଞ୍ଜି, ସାର, କୀଟନାଶକ ଓ ଚାଷ କାର୍ଯ୍ୟ ପାଇଁ ବିନିଯୋଗ ହୋଇଥିବା ମୂଳ ଧନ ମଧ୍ୟ ପାଇ ପାରିବେ ନାହିଁ। ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାରୁ ସରକାରଙ୍କ ପକ୍ଷରୁ ସେମାନଙ୍କ ଦୁରାବସ୍ଥାକୁ ହୃଦୟଙ୍ଗମ କରିବା କରିବା ସହିତ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବା ଏବଂ ଜିଲ୍ଲା ପ୍ରଶାସନ ସର୍ବନିମ୍ନ ମାନବିକତା ଦୃଷ୍ଟିରୁ ସେମାନଙ୍କ ଉତ୍ପାଦିତ ସାମଗ୍ରି ବିକ୍ରି ହେବା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ହୋଇ ପଡିଛି।




# ବାଂଲାଦେଶର ଦୁଇ ବଡ ହସ୍ପିଟାଲରେ କରୋନା ଚିକିତ୍ସାରେ ବିହାରୀଙ୍କ ସହ ଭେଦଭାବ

**ନୂଆଦିଲ୍ଲୀ :** ବାଂଲାଦେଶରେ ରହୁଥିବା ବିହାରୀଙ୍କ ସହିତ ଭେଦଭାବ ମାମଲା ସାମ୍ନାକୁ ଆସିଛି। ବାଂଲାଦେଶର ଦୁଇଟି ବଡ ହସ୍ପିଟାଲ ଉପରେ ଆରୋପ ଲାଗିଛି ଯେ, କରୋନା ସଂକ୍ରମିତ ବିହାରୀ ସମୁଦାୟଙ୍କ ଚିକିତ୍ସା ବେଳେ ଭେଦଭାବ କରାଯାଉଛି। ବାଂଲାଦେଶରେ ରହୁଥିବା ବିହାରୀ ସମୁଦାୟର ଲୋକଙ୍କ ଅଭିଯୋଗ ଏହା ଯେ, ଦୁଇ ଜଣଙ୍କ କରୋନା ଟେଷ୍ଟ ପଜିଟିଭ୍ ଆସିବା ପରେ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଥିଲା, ହେଲେ ଚିକିତ୍ସା କରିବାକୁ ହସ୍ପିଟାଲ କର୍ତୃପକ୍ଷ ସ୍ପଷ୍ଟ ମନା କରି ଦେଇଥିଲେ। ହସ୍ପିଟାଲରେ ରୋଗୀଙ୍କୁ ଏହା କହି ଭର୍ତି କରିବାକୁ ମନା କରି ଦିଆଯାଇଥିଲା ଯେ, ସେମାନଙ୍କୁ ଯୋଗୁଁ ଅନ୍ୟ ଲୋକଙ୍କୁ ମ୍ଭ କରୋନା ସଂକ୍ରମଣ ହୋଇପାରେ। ଏହା ମ୍ଭ କୁହାଗଲା ଯେ, ଏମିତିରେ ତୁମର ଅବସ୍ଥା ଠିକ୍ ଅଛି ଏବଂ ଆଡମିଟ୍ କଲେ କିଛି 'ଇଦା ନାହିଁ। ବାଂଲାଦେଶରେ ରହୁଥିବା ବିହାରୀ ସମୁଦାୟର ଲିଡର ସଦାକତ ଖାନ 'କୁ କହିଛନ୍ତି ଯେ, ଯେଉଁମାନେ କରୋନା ସଂକ୍ରମିତ ହୋଇଛନ୍ତି ସେମାନେ ନିଜକୁ ସେଲ' କ୍ୱାରେନଟାଇନ କରିଛନ୍ତି। ବାଂଲାଦେଶରେ ବିହାରୀ ସମୁଦାୟର ୫ ଲକ୍ଷରୁ ଅଧିକ ଲୋକ ରୁହନ୍ତି । ଏଥିରୁ ଢାକାରେ ଜିନେଭା କ୍ୟାମ୍ପରେ ପ୍ରାୟ ୩୨ ହଜାର ଲୋକ ରହୁଛନ୍ତି। ମାନବାଧିକାର ଓକିଲ ଖାଲିଦ ହୁସେନ ସରକାରଙ୍କ ଉପରେ ଆରୋପ ଲଗାଇଛନ୍ତି, ସରକାର ବିହାରୀ ସମୁଦାୟର କରୋନା ସଂକ୍ରମିତ ଲୋକଙ୍କ ସହିତ ଭେଦଭାବ କରୁଛନ୍ତି। ସରକାର ସଂକ୍ରମିତଙ୍କ ପ୍ରତି ନା୍ନନ ଦେଉଛନ୍ତି ନା ହସ୍ପିଟାଲରେ ଚିକିତ୍ସା କରାଉଛନ୍ତି।

# ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲି ସିଏନ ଲୁଙ୍ଗଙ୍କ ସହ ମୋଦିଙ୍କ ଟେଲିଫୋନ ବାର୍ତାଳାପ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲି ସିଏନ ଲୁଙ୍ଗଙ୍କ ସହ ଟେଲିଫୋନରେ କଥାବାର୍ତା ହୋଇଛନ୍ତି । ଉଭୟ ନେତା ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥା ଉପରେ କୋଭିଡ-୧୯ ମହାମାରୀର ପ୍ରଭାବ ନେଇ ଆଲୋଚନା କରିଥିଲେ। ସେମାନେ ନିଜ ନିଜ ଦେଶରେ ଏହାର ମୁକାବିଲା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ସିଙ୍ଗାପୁରକୁ ଔଷଧପତ୍ର ସହ ଅନ୍ୟାନ୍ୟ ଆବଶ୍ୟକୀୟ ବସ୍ତୁ ଯୋଗାଇବା ନେଇ ପ୍ରତିଶ୍ରୁତି ଦେଇଥିଲେ । ସିଙ୍ଗାପୁରରେ ଭାରତୀୟ ନାଗରିକମାନଙ୍କୁ ଦିଆଯାଇଥିବା ସମସ୍ତ ସାହାଯ୍ୟ ସହଯୋଗର ପ୍ରଧାନମନ୍ତ୍ରୀ ମୋଦୀ ପ୍ରଶଂସା କରିଥିଲେ ।ଉଭୟ ନେତା ବର୍ତମାନ ପରିସ୍ଥିତିରେ ଭାରତ-ସିଙ୍ଗାପୁର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଏହାଛଡା ସେମାନେ କୋଭିଡ-୧୯ ଯୋଗୁ ଉତ୍ପନ୍ନ ସାମାଜିକ ସ୍ଥିତିର ଏକାଠି ମୁକାବିଲା ନେଇ ସହମତ ହୋଇଥିଲେ। ବର୍ତମାନର ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସିଙ୍ଗାପୁରବାସୀଙ୍କ ଉତମ ସ୍ୱାସ୍ଥ୍ୟ ଓ ମଙ୍ଗଳକାମନା କରିଥିଲେ।

# ରାଜସ୍ଥାନରେ କରୋନାରେ ଆଉ ଜଣଙ୍କ ମୃତ୍ୟୁ, ଦୁଇ ହଜାର ଛୁଇଁଲା ସଂକ୍ରମିତ ସଂଖ୍ୟା

**ଜୟପୁର:** ରାଜସ୍ଥାନରେ କାରୋନାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୯ରେ ପହଁଚିଛି। ଅନ୍ୟପଟେ ୩୬ ନୂତନ ରୋଗୀଙ୍କୁ ମିଶାଇ ସଂକ୍ରମିତ ସଂଖ୍ୟା ୨୦୦୦କୁ ବୃଦ୍ଧି ଘଟିଛି। ଶୁକ୍ରବାର ସକାଳେ କୋଟାରେ ୧୮, ଜୟପୁରରେ ୧୩, ଝାଲାବାଡାରେ ୪ ଓ ଭରତପୁରରେ ୧ କୋଭିଡ-୧୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜୟପୁରର ସଓ୍ୱାଇ ମାନସିଂହ ହସ୍ପିଟାଲରେ ଜମଭାରାମଗଡ ନିବାସୀ ୭୫ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଏହା ପରେ ଆସିଥିବା ରିପୋର୍ଟରେ ବୃଦ୍ଧ କରୋନା ପଜିଟିଭ୍ ଥିବା ଜଣା ପଡିଛି। ବୃଦ୍ଧଙ୍କୁ ପେଟ ଯନ୍ତ୍ରଣା ପରେ ଏପ୍ରିଲ ୧୩ରେ ସର୍ଜିକାଲ ଆଇସିୟୁରେ ଭର୍ତି କରାଯାଇଥିଲା। ଅପରେସନ ପୂର୍ବରୁ ବୃଦ୍ଧଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ମୃତ୍ୟୁ ପରେ ଏପ୍ରିଲ ୨୩ରେ ପୁନର୍ବାର ନମୂନା ଯାଂଚ କରାଯିବାରୁ ରିପୋର୍ଟ ଏବେ ପଜିଟିଭ୍ ଆସିଛି। ବୃଦ୍ଧଙ୍କ ମୃତ୍ୟୁ ଏପ୍ରିଲ ୨୨ରେ ଘଟିଥିଲା। ଏହା ପରେ ବୃଦ୍ଧଙ୍କ ପରିବାରର ପ୍ରାୟ ୩୦ ଜଣଙ୍କୁ କ୍ୱାରେନଟାଇନ କରାଯାଇଛି। ଗାଁ ସୀମା ସିଲ୍ କରି ସର୍ଭେ ଆରମ୍ଭ କରାଯାଇଛି। ଅନ୍ତିମ ସଂସ୍କାରରେ ସାମିଲ ଲୋକଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ରାଜ୍ୟରେ ଅଦ୍ୟାବଧି ୬୯ ହଜାର ୭୬୪ ନମୂନା ମ୍ଭରୁ ୨୦୦୦ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୬୩ ହଜାର ୪୮୫ ନମୂନାର ରିପୋର୍ଟ ନେଗେଟିଭ୍ ଆସିଛି। ଏବେ ୪ ହଜାର ୨୭୯ ନମୂନାର ରିପୋର୍ଟ ଆସିବା ବାକି ରହିଛି। ରାଜସ୍ଥାନର ମୋଟ୍ ୨୦୦୦ ସଂକ୍ରମିତଙ୍କ ମ୍ଭରୁ ତବଲିଗି ଜମାତି ସମେତ ୧୯୩୭ ରୋଗୀ ରାଜ୍ୟର ହୋଇଥିବା ବେଳେ ୨ ଜଣ ଇଟାଲୀ ନାଗରିକ ଏବଂ ୬୧ ଇରାନର ନାଗରିକ। ରାଜ୍ୟରେ ଏ ପର୍ଯ୍ୟନ୍ତ ୪୭୩ କରୋନା ସଂକ୍ରମିତଙ୍କ ରିପୋର୍ଟ ପଜିଟିଭରୁ ନେଗେଟିଭ୍ ଆସିଛି। ସେମାନଙ୍କ ମ୍ଭରୁ ୧୯୩ ଜଣଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ଏଥିରୁ ୧୮୩ ରୋଗୀ ରାଜ୍ୟର ହୋଇଥିବା ବେଳେ ଦୁଇ ଜଣ ଇଟାଲୀ ନାଗରିକ ଏବଂ ଆଠ ଜଣ ଇରାନ ନାଗରିକ।

# କାଳ ବୈଶାଖୀ ପ୍ରଭାବ : ବାସୁଦେବପୁର ଓ ତିହିଡ଼ି ବ୍ଲକରେ ବ୍ୟାପକ କ୍ଷୟକ୍ଷତି

**ଭଦ୍ରକ, (ପିଏନ)-**ଗତକାଲି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଧିନସ୍ଥ ଗୋପବନ୍ଧୁ ନଗର ଗ୍ରାମରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ଏହାର ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ସାଙ୍ଗକୁ ବଜ୍ରପାତରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ବିଷ୍ଣୁପଦ ବିଶ୍ୱାସ (୪୫) ଓ ମହୁମିତା ହୋତା (୨୭) । ଗତକାଲି ସଂନ୍ଧ୍ୟାରେ ବିଷ୍ଣୁପଦ କ୍ଷେତରେ କାମ ସାରି ଘରକୁ ଫେରୁଥିଲେ । ଏହି ସମୟରେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିଲା । ଅନୁରୂପ ଭାବେ ସେହି ଗ୍ରାମର ମହୁମିତା ଗୁହାଳରେ ଗାଈ ବାନ୍ଧୁଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଛି ।

ସେହିପରି ବାସୁଦେବପୁର ବ୍ଲକ ନାୟକାଣିଡ଼ିହି ଥାନା ଅନ୍ତର୍ଗତ କରଞ୍ଜଆଡିଆ ଗାଁର ରଘୁନାଥ ତରାଇ (୫୫) ବଜ୍ରପାତରେ ଆହତ ହୋଇଛନ୍ତି । ସେ ଘରେ ଥିବା ବେଳେ ବଜ୍ରପାତରେ ଆହତ ହୋଇଥିଲେ । ବଜ୍ରପାତରେ ତାଙ୍କ ଶରୀରରର କିଛି ଅଂଶ ପୋଡିଯାଇଛି । ସମ୍ପ୍ରତି ସେ ଚିକିତ୍ସାଧିନ ଅଛନ୍ତି ।

କାଳ ବୈଶାଖୀ ପ୍ରଭାବରେ ଗୋପବନ୍ଧୁ ନଗର ଗ୍ରାମରେ ୧୦ ଟି ପରିବାରର ମାଟିଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି । ଖବର ପାଇ ବାସୁଦେବପୁର ତହସିଲଦାର ସୋମ୍ୟଶ୍ରୀ ପାଣିଗ୍ରାହି ଓ ବିରସ ରାଜସ୍ୱ ନିରୀକ୍ଷକ ତୁଷାର ପାତ୍ର ଘଟଣାସ୍ଥଳରେ ପହଂଚି ଘର ଭାଙ୍ଗିଥିବା ପରିବାର ଲୋକଙ୍କୁ ପଲିଥିନ୍ ପ୍ରଦାନ କରିଛନ୍ତି । କଷିଆ ସାମୁଦ୍ରିକ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଦୁଇ ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

ଅନ୍ୟ ଏକ ଘଟଣା କ୍ରମେ ତିହିଡ଼ି ବ୍ଲକ ଅଧିନସ୍ଥ ବାହାବଳପୁର ପଚାଂୟତର ଦେବେନ୍ଦ୍ର ଧଳ ଓ ତାଙ୍କ ତିନି ଭାଇଙ୍କର ଆଜବେଷ୍ଟସ୍ ଘର ଉପରେ ଏକ ବିରାଟ ଚାଖୁଣ୍ଡା ଗଛ ପଡି ୪ ବଖରା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାର ଖବର ମିଳିଛି ।

# ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ କରୋନାର ମୁକାବିଲା ପାଇଁ ଗବେଷଣା ସ୍କିମ

## ମନୋନୀତ ଗବେଷକଙ୍କୁ ୧୦ ଲକ୍ଷର ଆର୍ଥିକ ସହାୟତା

**ନୂଆଦିଲ୍ଲୀ:**କରୋନା ମୁକାବିଲା କ୍ଷେତ୍ରରେ ଆୟୁଷ ଚିକିତ୍ସା ବ୍ୟବସ୍ଥା ଓ ଔଷଧ ପ୍ରୟୋଗ ଆଦି ସମ୍ପର୍କରେ ସ୍ୱଳ୍ପମିଆଦୀ ଗବେଷଣା ତଥା ମୂଲ୍ୟାୟନ ପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ବ୍ୟବସ୍ଥା କରାଯାଇଛି ଯ ଯେଉଁସବୁ ହସ୍ପିଟାଲ ଓ ପ୍ରତିଷ୍ଠାନ କରୋନା ଭୂତାଣୁ ଆକ୍ରାନ୍ତଙ୍କ ଚିକିତ୍ସା ଓ ପରିଚାଳନା କାର୍ଯ୍ୟ ସମ୍ପାଦନ କରୁଛନ୍ତି ସେମାନଙ୍କୁ ଏହି ସ୍କିମରେ ଭାଗ ନେବାକୁ ଆମନ୍ତ୍ରଣ କରାଯାଇଛି । ଏହା ମୁଖ୍ୟତଃ ଆୟୁଷ ମନ୍ତ୍ରଣାଳୟ ବାହାରର କରୋନା ଚିକିତ୍ସା ବ୍ୟବସ୍ଥାରେ ସଂପୃକ୍ତ ବିଶେଷଜ୍ଞମାନଙ୍କ ପାଇଁ ଉଦ୍ଦିଷ୍ଟ । ସେମାନେ ଚାହିଁଲେ କରୋନା ମୁକାବିଲା କ୍ଷେତ୍ରରେ ଆୟୁଷ ଚିକିତ୍ସା ପଦ୍ଧତି ଓ ଏହାର ଔଷଧପତ୍ରର ବ୍ୟବହାର ଉପରେ ସ୍ୱଳ୍ପମିଆଦୀ ଗବେଷଣା କରିପାରିବେ ।ଏହି ଗବେଷଣାର ସମୟସୀମା ଛ'ମାସ ଧାର୍ଯ୍ୟ କରାଯାଇଛି । ମନୋନୀତ ଗବେଷକମାନଙ୍କୁ ସେମାନଙ୍କର ଗବେଷଣା ଓ ପରୀକ୍ଷା ନିରୀକ୍ଷା ଖର୍ଚ୍ଚ ବାବଦରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ଯୋଗାଇ ଦିଆଯିବ । ସେମାନେ ଆୟୁଷ ମନ୍ତ୍ରଣାଳୟର ବିଶେଷଜ୍ଞ, ଟେକନିସିଆନଙ୍କ ସହାୟତା ତଥା ପରୀକ୍ଷାଗାର ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଯୋଗ କରିପାରିବେ ।ଆବେଦନ ପ୍ରଣାଳୀ ଓ ସର୍ବଶେଷ ବିବରଣୀ ପାଇଁ ଆଗ୍ରହୀ ପ୍ରାର୍ଥୀ ଆୟୁଷ ମନ୍ତ୍ରଣାଳୟର ୱେବସାଇଟ ଆୟୁଷ ଡଟ୍ ଜିଓଭି ଡଟ୍ ଇନ୍ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ଆବେଦନର ଶେଷ ତାରିଖ ୨୦୨୦ ମେ ପହିଲା ରଖାଯାଇଛି। ଆବେଦନ କେବଳ ଇ-ମେଲ emrayushcovid19@gmail.com ମାଧ୍ୟମରେ କରିବାକୁ ପଡିବ ।

# ଷ୍ଟେସନ ପଡ଼ିଆରେ ଅସ୍ଥାୟୀ ହାଟ, ସାମାଜିକ ଦୂରତାକୁ ଅଣଦେଖା

**ବାରିପଦା,(ପିଏନ)-** ବାରିପଦା ଷ୍ଟେସନ ପଡ଼ିଆରେ ଗତ ଗୁରୁବାର ବସିଥିଲା ଅସ୍ଥାୟୀ ହାଟ । ଉକ୍ତ ହାଟ ବାରିପଦା ତହସିଲଦାରଙ୍କ ନିଷ୍ପତି କ୍ରମେ ବସିଥିବା ସମୟରେ ସାମାଜିକ ଦୂରତାକୁ ଅଣଦେଖା କରାଯାଇଥିବାର ପରିଲକ୍ଷିତ ହୋଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୧୩ ଷ୍ଟେସନ ବଜାରରେ ପ୍ରତ୍ୟେକ ଗୁରୁବାର ଓ ରବିବାର ବସିଥାଏ ହାଟ । ଉକ୍ତ ହାଟକୁ ସହରର ବିଜୟ କୁମାର ସିଂ ନିଲାମରେ ନେଇଥିବା ବେଳେ ମାର୍ଚ୍ଚ ୨୪ରୁ କରୋନାକୁ ନେଇ ଲକ୍ ଡ଼ାଉନ ଘୋଷଣା କରାଯାଇଥିଲା।

ତେବେ ଏହି ହାଟ ପ୍ରତ୍ୟେକ ରବି ଓ ଗୁରୁବାର ଚାଲୁ ରହିଥିବା ସମୟରେ ପଡ଼ୋଶୀ ପଶ୍ଚିମବଙ୍ଗ ସହିତ ବିଭିନ୍ନ ରାଜ୍ୟରୁ ବ୍ୟବସାୟୀମାନେ ଆସିଥାନ୍ତି । ଏଥି ସହିତ ବାରିପଦା ସହର ଓ ଆଖପାଖ ଅଂଚଳରୁ ଶତାଧିକ ଜନସାଧାରଣ ସେମାନଙ୍କର ଆବଶ୍ୟକ ସାମଗ୍ରୀ କିଣିବାକି ନିମନ୍ତେ ଅଧ ଆସିଥାନ୍ତି । ଫଳରେ ଉକ୍ତ ହାଟରେ ସାମାଜିକ ଦୂରତା ରକ୍ଷା ଅସମ୍ଭବ ହୋଇପଡ଼ିଥିଲା। ସେହିପରି ଓଡ଼ିଶାରେ କରୋନା ପଜିଟିଭ ସଂଖ୍ୟାର ଏକତୃତୀୟାଂଶ ପଶ୍ଚିମବଙ୍ଗ ଲିଙ୍କ ରହିଥିବାର ଜଣାପଡ଼ିଛି । ତେଣୁ ପଶ୍ଚିମବଙ୍ଗରୁ ଆସୁଥିବା ବ୍ୟବସାୟୀ ଓ ସାମାଜିକ ଦୂରତାକୁ ନେଇ ଚିନ୍ତିତ ହୋଇପଡ଼ିଥିଲା ଜିଲ୍ଲା ପ୍ରଶାସନ।

ଏନେଇ ନିଲମାଧାରୀ ବିଜୟ ସିଂଙ୍କୁ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ବାରିପଦା ତହସିଲଦାରଙ୍କ ପକ୍ଷରୁ ସୋକଜ ନୋଟିସ ଜାରି କରାଯିବା ପରେ ଶ୍ରୀସିଂଙ୍କ ସହମତି କ୍ରମେ ହାଟକୁ ମେ ୩ ପର୍ଯ୍ୟନ୍ତ ବନ୍ଦ ରଖାଯିବା ପାଇଁ ଏକ ଆଦେଶନାମା ଗତ ୨୧ରେ ଜାରି କରାଯାଇଥିଲା। କିନ୍ତୁ, ବାରିପଦା ହାଟ ବନ୍ଦ ରହିଥିବା ବେଳେ ଷ୍ଟେସନ ବଜାର ପଡ଼ିଆରେଦୋକାନ ବଜାର ବସିଥିବା ଏବଂ ଏଠାରେ ଜନସାଧାରଣ ଲକ୍ ଡ଼ାଉନର ନିର୍ଦ୍ଦେଶନାମାକୁ ଖୋଲାଖୋଲି ଅବମାନନାସହ ପରସ୍ପର ମଧ୍ୟରେ ଭିଡ଼ାଭିଡ଼ି ହୋଇ ଜିନିଷପତ୍ର କିଣାବିକା କରୁଥିବାର ଦେଖିବାକୁ ମିଳିଥିଲା । ଏବିଷୟରେ ବାରିପଦା

ତହସିଲଦାର ରାମଚନ୍ଦ୍ର ସୋରେନଙ୍କ ସହିତ ଯୋଗାଯୋଗ କରିବାରୁ ଗୁରୁବାର ଦିନ ଯେଉଁ ଲୋକମାନେ ଜାଣତରେ ହେଉ ଅଥବା ଅଜାଣତରେ ହେଉ ସେମାନଙ୍କର ଜିନିଷପତ୍ର ଧରି ପହଂଚିଥିଲେ। ଫଳରେ ସେମାନଙ୍କୁ ବିକ୍ରି କରିବା ନିମନ୍ତେ ଅସ୍ଥାୟୀ ଭାବେ ଷ୍ଟେସନ ବଜାର ପଡ଼ିଆରେ ସାମାଜିକ ଦୂରତ୍ୱ ବଜାୟ ରଖି ବସିବା ନିମନ୍ତେ ଅନୁମତି ଦିଆଯାଇଥିଲା। ପୁଣି ଆସନ୍ତା ରବିବାର ଦିନ ଯଦି ଆସନ୍ତି ତେବେ ସେମାନଙ୍କୁ ଛାଡ଼ି ଛାଡ଼ି ବସିବା ନିମନ୍ତେ କୁହାଯିବ ବୋଲି ତହସିଲଦାର ଶ୍ରୀସୋରେନ ପ୍ରକାଶ କରିଥିଲେ । ସେହିପରି ହାଟ ନିଲାମ ନେଇଥିବା ବିଜୟ ସିଂ ଜନସାଧାରଣଙ୍କ ଓ ଜିଲ୍ଲାବାସୀଙ୍କ ସାମୁହିକ ସ୍ୱାର୍ଥ ସହିତ ୧୩ ନମ୍ବର ୱାର୍ଡ଼ର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ହାଟକୁ ଲକ୍ ଡ଼ାଉନ ଉଠିବା ପର୍ଯ୍ୟନ୍ତ ବନ୍ଦ ରଖିବା ନିମନ୍ତେ ସହମତି ଦେଇଥିଲି । ମାତ୍ର ଷ୍ଟେସନ ବଜାର ପଡ଼ିଆରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା । ଏବିଷୟରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଇବେ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ।

# ଉପଭୋକ୍ତାଙ୍କୁ କନ୍ଦାଉଛି ବିଜୁଳି, ବିଦ୍ୟୁତ୍ ବିଭାଗ ବିଭାଗ ଦୟାରେ ଚାଲିଛି ସବୁକିଛି

**ବାରିପଦା,(ପିଏନ)-** କୋଭିଡ଼-୧୯ ମୁକାବିଲା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରେ ଜାରି ହୋଇଛି ଲକ୍ ଡ଼ାଉନ । ଏହି ସମୟରେ ଜରୁରୀ କାର୍ଯ୍ୟ ନ ଥିଲେ ଜନସାଧାରଣଙ୍କୁ ନିଜ ନିଜ ଘରେ ପରିବାର ସହିତ ସୁରକ୍ଷିତ ରହିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବାରିପଦା ପୌରପରିଷଦରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଘନ ଘନ ଘଂଟା ଘଂଟା ଧରି ଅଘୋଷିତ ବିଦ୍ୟୁତ୍ କାଟ ଜାରି ରହିଛି। ଆକାଶରେ ମେଘ ଅଥବା ବିଜୁଳୁ ଝଟକିଲେ ବିଜୁଳି କାଟ ହେଉଥିବା ବେଳେ ପୁଣି ଥରେ ବିଦ୍ୟୁତ୍ ସରବରାହ ଆସିବା ନିମନ୍ତେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼େ। ସତେ ଯେମିତି ବିଦ୍ୟୁତ୍ ବିଭାଗ ଦୟାରେ ଉପଭୂକ୍ତାମାନେ ରହିଛନ୍ତି । ପ୍ରାୟ ପ୍ରତ୍ୟେକ ଦିନ ଏହି ପ୍ରକାରର ବିଦ୍ୟୁତ୍ କାଟ ଜାରି ରହିଥିବା ବେଳେ ଆଜି ପୂର୍ବାହ୍ନ ୧୧ଟା ସମୟରେ ମେଘ ଘୋଟି ଆସିଥିଲା। ସତେ ଯେମିତି ରାତିର ଭ୍ରମ ସୃଷ୍ଟି କରାଉଥିଲା। ଏହାପରେ ପରେ ବିଜୁଳି, ବର୍ଷା ସହିତ ପବନ ଆସିବା ପୂର୍ବରୁ ବାରିପଦା ପୌରପରିଷଦରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରାଯାଇଥିଲା। ପ୍ରାୟ ୧୦ ମିନିଟ ଧରି ବର୍ଷା ହେବା ପରେ ଛାଡ଼ି ଯାଇଥିଲେ ମଧ୍ୟ ବିଦ୍ୟୁତ୍ ସାକ୍ଷାତ ମିଳିପାରିନ ଥିଲା। ଅପରାହ୍ନ ପ୍ରାୟ ୩ଟା ୫୦ ସମୟରେ ଆସିଥିଲା । ବିଦ୍ୟୁତ୍ ବିଭାଗର ଲୁଚକାଳି ଖେଳ ଉପଭୁକ୍ତାମାନଙ୍କ କ୍ଷେତ୍ରରେ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି । ଏ ବିଷୟରେ ଚାଟାର୍ଡ଼ ଆକାଉଂଟାଂଟ ଅଭିଜିତ୍ ରାମ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସତେ ଯେମିତି ବିଦ୍ୟୁତ୍ ବିଭାଗ ଆମକୁ ମାଗଣାରେ ବିଦ୍ୟୁତ୍ ସଂଯୋଗ ଦେଇଛି। ତେଣୁ ବିଭାଗର ମର୍ଜି ଓ ଦୟା ଅନୁସାରେ ବିଦ୍ୟୁତ୍ ସାପ୍ଲାୟ କରୁଛି । ଗୁହାରି କରିବୁ କାହାକୁ । ଆମର ଭଲ ମନ୍ଦ, ସୁବିଧା ଅସୁବିଧା ବୁଝିବା ନିମନ୍ତେ ଯାହାକୁ ଆମେ ନିର୍ବାଚିତ କରାଇଛୁ ଜନସାଧାରଣଙ୍କର ଏହୁ ଦୁର୍ଦ୍ଦଶା ତାଙ୍କ କର୍ଣ୍ଣ ଭାଦ କରୁନାହିଁ । ବିଦ୍ୟୁତ୍ କାଟର କାରଣ ଓ କେତେବେଳେ ସାପ୍ଲାୟ ଆସିବ ତାହା ଜାଣିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଫୋନ କଲେ ସେମିତି ହେବ ବୋଲି ଉତର ମିଳିଥାଏ । ସେହିପରି ବିଦ୍ୟୁତ୍ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କ୍ଷୀରୋଦ ବେହେରାଙ୍କୁ ଆଜିର ବିଦ୍ୟୁତ୍ କାଟକୁ ନେଇ ଯୋଗାଯୋଗ କରିବାରୁ ତଖତପୁର ସେକସନରେ ଅସୁବିଧା ରହିଥିଲା। ଏଥି ସହିତ ବିଜୁଳି ବର୍ଷା ଓ ପ୍ରବଳ ବେଗରେ ପବନ ହେଉଥିଲା। ତେଣୁ ବିଦ୍ୟୁତ୍ କାଟ ହୋଇଥିଲା। ଯଦି ଦିନ ଓ ରାତି ବର୍ଷା ଲାଗି ରୁହେ ତେବେ କଣ ହେବ ପ୍ରଶ୍ନର ଉତରରେ ବର୍ଷା ନ ଛାଡ଼ିବା ପର୍ଯ୍ୟନ୍ତ ଏହି ପ୍ରକାରର ଅସୁବିଧା ହେବ ବୋଲି ଉତର ଦେଇଥିଲେ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀବେହେରା । ବାରିପଦା ଷ୍ଟେସନ ବଜାରସ୍ଥିତ କୃଷି ବିଭାଗ ପାଣିପାଗ କାର୍ଯ୍ୟାଳୟର ଅଧିକାରୀ କମଳ ଲୋଚନ ଦାସଙ୍କ ସହିତ ଯୋଗାଯୋଗ କରିବାରୁ ଆଜି ୪୨ ମିଲିଲିଟର ବର୍ଷା ହୋଇଥିବା ବେଳେ ଆଜି ପବନର ବେଗ କିଛି ସମୟ ଧରି ପ୍ରାୟ ୩୦ରୁ ୪୦ କି.ମି ମଧ୍ୟରେ ପ୍ରବାହିତ ହୋଇଥିଲା ବୋଲି ପ୍ରକାଶ କରିଥିଲେ।




# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Sunday, April 26,2020 ଭୁବନେଶ୍ୱର ରବିବାର ଅପ୍ରେଲ ୨୬,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବାଲେଶ୍ୱର ଜିଲ୍ଲା ସଟଡାଉନ : ୫ଶହରୁ ଉର୍ଦ୍ଧ୍ୱ ନମୁନା ସଂଗ୍ରହ





**ବାଲେଶ୍ୱର(ପିଏନ)-** ବାଲେଶ୍ୱର ଜିଲ୍ଲାରେ କୋଭିଡ-୧୯ ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ଏପ୍ରିଲ ୨୬ତାରିଖ(ରବିବାର) ସକାଳ ୧୦ଘଟିକା ପର୍ଯ୍ୟନ୍ତ ସଟଡାଉନ ଘୋଷଣା କରାଯାଇଥିବା ବେଳେ ଆଜି କିଛି ଜରୁରୀ ସେବା ବ୍ୟତୀତ ଜିଲ୍ଲାର ସମସ୍ତ ଅଫିସ, ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଛି । ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ଅଂଚଳରେ ପୋଲିସ ପକ୍ଷରୁ ଯାଂଚ କରାଯିବା ସହିତ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ସଟଡାଉନ ସମୟରେ କୋଭିଡ-୧୯ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଆଜି ଜିଲ୍ଲାର ବିଭିନ୍ନ ବ୍ଲକରେ ୧୩ଟି ଟିମ୍ ଦ୍ୱାରା ୫୦୦ରୁ ଉର୍ଦ୍ଧ୍ୱ ସ୍ୱାବ ନମୁନା(ସାମ୍ପଲ) ସଂଗ୍ରହ ହୋଇପାରିଛି । ମୁଖ୍ୟତଃ ଜିଲ୍ଲାର ବାଲିଆପାଳ, ଭୋଗରାଇ, ଜଳେଶ୍ୱର ଓ ସୋର ବ୍ଲକରେ ଆଜି ନମୁନା ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ଗ୍ରାମ ପଂଚାୟତ ଏବଂ ସହରାଂଚଳରେ ରାଜ୍ୟ ବାହାରୁ ଆସିଥିବା ଲୋକଙ୍କର ପଞ୍ଜୀକରଣ ପ୍ରକ୍ରିୟାରେ ବେଶ ଅଗ୍ରଗତି ହେବା ସହିତ ପଂଚାୟତଗୁଡିକରେ ଥିବା କ୍ୱାରାଂଟାଇନ ହୋମରେ ସେମାନଙ୍କୁ ରଖିବା ନିମନ୍ତେ ପଦକ୍ଷେପ ନିଆଯାଇଛି । ଆକ୍ଟିଭ କଂଟାକ୍ଟ ଟ୍ରେସିଂ କରିବା ନିମନ୍ତେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା କଂଟେନମେଂଟ ଜୋନ ଏବଂ ବ୍ଲକରେ କରା ଯାଉଥିବା ସର୍ଭେ ଓ ସାମ୍ପଲ ସଂଗ୍ରହ କାମ ତ୍ୱରିତ ବେଗରେ ସମ୍ପନ୍ନ ହୋଇପାରିଛି । ଜରୁରୀ ପରିସ୍ଥିତିରେ ଲୋକମାନଙ୍କୁ ହେଲ୍ପ ଲାଇନରେ ଯୋଗାଯୋଗ କରିବାକୁ କୁହାଯାଇଛି । କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ଏସ.କେ.ବଶିଷ୍ଠଙ୍କୁ ବାଲେଶ୍ୱର ଜିଲ୍ଲାର ତଦାରଖ ନିମନ୍ତେ ଦାୟିତ୍ୱ ଦିଆଯାଇଥିବା ବେଳେ ସ୍ଥିତି ସମ୍ପର୍କରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ବି.ଯୁଗଳ କିଶୋର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ନାୟକଙ୍କ ସମେତ ଜିଲ୍ଲାର ବରିଷ୍ଠ ପ୍ରଶାସନିକ, ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଜିଲ୍ଲାର ବିଭିନ୍ନ ଅଂଚଳ ଗସ୍ତ କରି ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଜନସାଧାରଣଙ୍କୁ ନିଜ ଘରେ ରହିବା ପାଇଁ କୁହାଯାଇଛି । ସଟଡାଉନ ଆଦେଶ ଏବଂ କଟକଣାର ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇଦିଆଯାଇଛି ।

# ଭଦ୍ରକ ଜିଲ୍ଲାର ସ୍ଥିତି ନେଇ ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

**ଭଦ୍ରକ, (ପିଏନ୍)-**ଗତକାଲି ଗୋଟିଏ ଦିନରେ ଭଦ୍ରକ ଜିଲ୍ଲାରେ ଆଉ ଅଧିକ ୫ଟି ପଜିଟିଭ କରୋନା କେଶ ଚିହ୍ନଟ ହୋଇଛି । ଏହାକୁ ନେଇ ଜିଲ୍ଲାର ପଜିଟିଭ କେଶ ସଂଖ୍ୟା ୧୬ରେ ପହଞ୍ଚିଛି । ନୂତନ ଭାବେ ଚିହ୍ନଟ ସଂକ୍ରମିତ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ବାସୁଦେବପୁର ବ୍ଲକ ଅଞ୍ଚଳରେ ହୋଇଥିବା ବେଳେ ୨ଜଣ ତିହିଡ଼ି ବ୍ଲକ ଓ ଅନ୍ୟ ୨ ଜଣ ଧାମନଗର ବ୍ଲକ ଅଞ୍ଚଳର । ସମସ୍ତ ଆକ୍ରାନ୍ତ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜଣା ପଡ଼ିଛି । ଚିହ୍ନଟ ଆକ୍ରାନ୍ତଙ୍କ ଗ୍ରାମ ତଥା ପାର୍ଶ୍ୱବର୍ତ୍ତୀ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଭଦ୍ରକ ଜିଲ୍ଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ନୋଡାଲ ଅଫିସର ଆଜି ଭଦ୍ରକ ଗସ୍ତରେ ଆସି ସଟଡାଉନ ସମୟରେ ଜିଲ୍ଲାର ସ୍ଥିତି ସମୀକ୍ଷା କରିଛନ୍ତି । ଭଦ୍ରକ ଜିଲ୍ଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଥିବାରୁ ରାଜ୍ୟ ସରକାର ଗତକାଲି ରାତି ୧୦ଟାରୁ ଏହି ଜିଲ୍ଲାକୁ ସଟଡାଉନ ଘୋଷଣା କରିଛନ୍ତି । ୬୦ ଘଣ୍ଟା ପାଇଁ ୩ଟି ଜିଲ୍ଲା ସଟଡାଉନ କଟକଣାରେ ରହିବାକୁ ଥିବା ବେଳେ ଭଦ୍ରକ ଜିଲ୍ଲା ସେଥିରେ ସାମିଲ ରହିଛି । ଗତକାଲି ସୁଦ୍ଧା ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଥିଲା । ଭଦ୍ରକ ପୌରପାଳିକାରେ ୨, ଭଦ୍ରକ ବ୍ଲକ ଅଞ୍ଚଳରେ ୧, ବାସୁଦେବପୁର ବ୍ଲକ ଅଞ୍ଚଳରେ ୬ ଓ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ୨ ରୋଗୀ ଚିହ୍ନଟ ହୋଇଥିଲେ । ଆଜି ସକାଳେ ନୂଆ ଆଉ ଜଣେ ରୋଗୀ ବାସୁଦେବପୁର ବ୍ଲକ ଅଞ୍ଚଳରେ ଚିହ୍ନଟ ହୋଇଥିବା ବେଳେ ଅପରାହ୍ନରେ ଆଉ ୪ଜଣ ତିହିଡ଼ି ବ୍ଲକ ଅଞ୍ଚଳରେ ୨ ଓ ଧାମନଗର ବ୍ଲକ ଅଞ୍ଚଳରେ ୨ଜଣ ଚିହ୍ନଟ ହୋଇଛନ୍ତି । ନୂତନ ଭାବେ ଚିହ୍ନଟ ବାସୁଦେବପୁର ବ୍ଲକର ଅରଣ୍ଡୁଆ ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମ ଯଥା ବଡଆନନ୍ଦପୁର, ବଛିପୁଅ, କଣ୍ଣିସାହି, ଅରଣ୍ଡୁଆ, କିଆପଦା, ସାନ ଚନ୍ଦ୍ରଭାନୁପୁର, ହଟପଦା, ଛତ୍ରିଆ ଏବଂ ଆୟତପୁର ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଥିବା ବେଳେ ବ୍ରାହ୍ମଣୀଗାଁ ପଞ୍ଚାୟତର କେବଳ ବ୍ରାହ୍ମଣୀଗାଁ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଅନ୍ତର୍ଭୁକ୍ତ କରାଯାଇଛି ।

ସଟଡାଉନ ଓ କରୋନା ସଂକ୍ରମଣ ନେଇ ଜିଲ୍ଲାର ସ୍ଥିତି ସମ୍ପର୍କରେ ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଭଦ୍ରକ ଜିଲ୍ଲା ନୋଡାଲ ଅଫିସର ସୁଶିଲ କୁମାର ଲୋହାନୀ ଭଦ୍ରକରେ ପହଞ୍ଚି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ସମୀକ୍ଷା କରିଛନ୍ତି । ବିଶେଷ କରି ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା, କଣ୍ଟେନମେଣ୍ଟ ଜୋନ ଗୁଡିକରେ ପୁଲିସ ପାଟ୍ରୋଲିଂକୁ ଅଧିକ କଡାକଡି କରିବା, ଗ୍ରାମାଞ୍ଚଳରେ ସାନିଟାଇଜିଂକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପରେ ଶ୍ରୀଯୁକ୍ତ ଲୋହାନୀ ବାସୁଦେବପୁର ବ୍ଲକର ପଦ୍ମପୁର କଣ୍ଟେନମେଣ୍ଟ ଜୋନ ଓ ଭଣ୍ଡାରିପୋଖରୀ ବ୍ଲକର ରହଣିଆ କଣ୍ଟେନମେଣ୍ଟ ଜୋନ ପରିଦର୍ଶନରେ ଯାଇଥିଲେ । ସେଠାରେ ସରପଞ୍ଚ, ସୁପରଭାଇଜିଂ ଅଫିସର, ନୋଡାଲ ଅଫିସରମାନଙ୍କ ସହ ସ୍ଥାନୀୟ ଅଞ୍ଚଳର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । କଣ୍ଟେନମେଣ୍ଟ ଜୋନ ଗୁଡିକରେ ଆଇନକୁ କଡାକଡି ପାଳନ କରିବାକୁ ଲୋହାନୀ ପରାମର୍ଶ ଦେଇଥିଲେ । ଲୋହାନୀ ଏହି ଅବସରରେ ଭଦ୍ରକରେ ସ୍ଥାପିତ କୋବିଡ଼ ୧୯ ହସ୍‌ପିଟାଲ ସାଳନ୍ଦୀ ହସପିଟାଲକୁ ବୁଲି ଦେଖିଥିଲେ । ବିଭିନ୍ନ କ୍ୱାରେଣ୍ଟାଇନ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । ତାଙ୍କ ସହିତ ସମୀକ୍ଷା ବୈଠକରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଏସପି ରାଜେଶ ପଣ୍ଡିତ, ସିଡିଏମଓ ଡାକ୍ତର ଆର୍ଯ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର,, ପିଡି ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗ ଦେଇଥିଲେ । ସିଡିଏମଓ ଡାକ୍ତର ମିଶ୍ର ଭଦ୍ରକ ମେଡିକାଲରେ ଜଣେ ନିଶ୍ଚେତକ ବିଶେଷଜ୍ଞ ଓ ଅଧିକ ସଂଖ୍ୟାରେ ପାରାମେଡିକାଲ ୱାର୍କରଙ୍କ ଆବଶ୍ୟକତା ସମ୍ପର୍କରେ ଲୋହାନୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଲୋହାନୀ ବହିରାଗତ ଶ୍ରମିକଙ୍କ ଥଇଥାନ ଓ ସେମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ ଯୋଗାଣ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ ।

# ସ୍ୱାଭିମାନ ଅଂଚଳର ଆଦିବାସୀମାନଙ୍କ ଜୀବନ ଓ ଜୀବିକା ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସି.ପି.ଆଇ.(ଏମ୍)ର ଚିଠି

**ଭୁବନେଶ୍ୱର, (ପିଏନ)-** କରୋନା ସଂକ୍ରମଣ ରୋକିବା ପାଇଁ ସାରା ଦେଶରେ ଜାରି ହୋଇଥିବା ଲକ୍‌ଡାଉନ୍ ସ୍ୱାଭିମାନ ଅଂଚଳର ଅଧିବାସୀମାନଙ୍କ ଦୁଃଖ କଷ୍ଟକୁ ବୃଦ୍ଧି କରିଛି । ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ମିଳୁଥିବା ଚାଉଳ ବ୍ୟତୀତ ସେମାନେ ଆଉ କିଛି ସରକାରୀ ସହାୟତା ପାଇଁ ନାହାଁନ୍ତି । ଅଧିକାଂଶ ଆଦିବାସୀ ପରିବାର ରାସନ କାର୍ଡ ପାଇ ନାହାଁନ୍ତି ଓ ଅନ୍ୟ କୌଣସି ସରକରୀ ଯୋଜନାର ଅନ୍ତର୍ଭୁକ୍ତ ନୁହଁନ୍ତି । ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ୱାଭିମାନ ଅଂଚଳର ଆଦିବାସୀ ମାନଙ୍କ ଚରମ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ କରି ତୁରନ୍ତ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ ସ୍ୱାଭିମାନ ଅଂଚଳରେ ଅଧିକାଂଶ ଆଦିବାସୀ ପରିବାର ରାସନ କାର୍ଡ ପାଇ ନାହାଁନ୍ତି ଓ ଅନ୍ୟ କୌଣସି ସରକରୀ ଯୋଜନାର ଅନ୍ତର୍ଭୁକ୍ତ ନୁହଁନ୍ତି । ଏହି ଅଂଚଳର ଶହ ଶହ ପରିବାର ପୁରୁଷ ପୁରୁଷ ହେଲା ଏଠାରେ ବସବାସ କରୁଥିଲେ ମଧ୍ୟ ସେମାନେ ରହୁଥିବା ଘରବାଡି ଓ ଚାଷ ଜମିର ପଟ୍ଟା ପାଇନାହାଁନ୍ତି । ଏଠାରେ ପଂଚାୟତ ନିର୍ବାଚନ ଏଯାଏଁ ହୋଇନାହିଁ ।

ଲକ୍‌ଡାଉନ୍ ସ୍ୱାଭିମାନ ଅଂଚଳର ଆଦିବାସୀମାନଙ୍କ ଜୀବନକୁ ଦୁଃସହ କରିସାରିଛି । ରାସନକାର୍ଡ ନଥିବା ପରିବାର ଗୁଡିକୁ ଅନାହାର ମୃତ୍ୟୁ ଭୟ ଘାରିବା ଆରମ୍ଭ କଲାଣି । ଏଠି ସମସ୍ତେ ଗରୀବ । ତେଣୁ ମାତ୍ରାଧିକ ଅସୁବିଧାରେ ଥିବା ପରିବାରକୁ ସାହାର୍ଯ୍ୟ କରିବା ପାଇଁ କୌଣସି ବନ୍ଧୁ ବା ଆତ୍ମୀୟ ସ୍ୱଜନଙ୍କ ଆର୍ଥୀକ ସ୍ଥିତି ନାହିଁ । ସି.ପି.ଆଇ.(ଏମ୍) ଦ୍ୱାରା ସ୍ୱାଭିମାନ ଅଂଚଳର ୩ଟି ପଂଚାୟତର ୮ଟି ଗ୍ରାମରେ କରାଯାଇଥିବା ଅନ୍ୱେଷଣରୁ ୧୩୬ଟି ଅତ୍ୟନ୍ତ ଗରୀବ ପରିବାରର ସନ୍ଧାନ ମିଳିଛି, ଯେଉଁମାନେ ସବୁ ପ୍ରକାର ସରକାରୀ ସହାୟତାରୁ ବଂଚିତ । ଏହା କେବଳ ଏକ ଛୋଟ ଆଭାଷ, ଯାହା ଦର୍ଶାଏ ଯେ ସ୍ୱାଭିମାନ ଅଂଚଳରେ ଏଭଳି ଗରୀବ କିନ୍ତୁ ସରକାରୀ ସାହାଯ୍ୟରୁ ବଂଚିତ ପରିବାରମାନଙ୍କ ସଂଖ୍ୟା ବହୁ ଅଧିକ । ଏ ସମ୍ପର୍କରେ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ମାଲକାନଗିରି ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ । ଦଳର ଦାବୀ ସରକାର ତୁରନ୍ତ ସ୍ୱାଭିମାନ ଅଂଚଳର ଗରୀବ ଆଦିବାସୀମାନଙ୍କ ଭୋକ ଓ ଆର୍ଥୀକ କଷ୍ଟ ଦୂର କରିବା ପାଇଁ ଉଚିତ ପଦକ୍ଷେପ ନେବା ଆବଶ୍ୟକ ।

## ଭଦ୍ରକରେ କାଳବୈଶାଖୀର ତାଣ୍ଡବ

# ବ୍ରଜପାତରେ ୨ ମୃତ, ୧୦ ବଖରା ମାଟି ଘର ଭୁଷୁଡିଲା

**ଭଦ୍ରକ, (ପିଏନ)-** ଭଦ୍ରକରେ କାଳବୈଶାଖୀର ତାଣ୍ଡବ ତାର ଉଗ୍ରରୂପ ଦେଖାଇଛି । ଏହାର ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ସାଙ୍ଗକୁ ବହୁ କଚ୍ଚାଘର ଭୁଷୁଡି ପଡିବା ସହ ବଜ୍ରପାତରେ ୨ ଜଣଙ୍କର ମୃତ୍ୟୁ ଘଟିଛି । ତେବେ ଖବର ପାଇ ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ବିରସ ରାଜସ୍ୱ ନିରୀକ୍ଷକ ତୁଷାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଘର ଭାଙ୍ଗିଥିବା ବ୍ୟକ୍ତିମାନଙ୍କୁ ପଲିଥିନ୍ ପ୍ରଦାନ କରିଛନ୍ତି । ଅନୁରୂପ ବଜ୍ରପାତରେ ମୃତ୍ୟୁବରଣ କରିଥିବା କଷିଆ ସାମୁଦ୍ରିକ ଥାନା ଅଧୀନସ୍ଥ ଭାବବିନୋବା ନଗରର ଦୁଇଜଣଙ୍କ ଶବକୁ ପୁଲିସ୍ ଜବତ କରି ଅପମୃତ୍ୟୁ ମାମଲା ମୂଳେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଜି ବ୍ୟବଚ୍ଛେଦ କରି ତାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ଏହି ଜିଲାର କେତେକ ସ୍ଥାନରେ ତାର ଭୀଷ୍ମ ରୂପ ଦେଖାଇଥିଲା । ଏହି ତାଣ୍ଡବ ସମୟରେ କଷିଆ ସାମୁଦ୍ରିକ ଥାନା ଅଧୀନସ୍ଥ ଭାବବିନୋବା ନଗରର ସନ୍ତୋଷ ବିଶ୍ୱାସଙ୍କ ପୁତ୍ର ବିଷ୍ଣୁପଦ (୪୫) ଶୌଚ ହେବାପାଇଁ ବାହାରକୁ ଯାଇଥିବାବେଳେ ବଜ୍ରପାତ ଘଟି ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଅନୁରୂପ ସେହି ଗ୍ରାମର ଅପୂର୍ବ ରଂଜନ ହୋତାଙ୍କ ପତ୍ନୀ ମହୁମିତା (୨୫) ବାହାରେ ବନ୍ଧା ହୋଇଥିବା ଗୋରୁଗୁଡିକୁ ଗୁହାଳକୁ ନେବା ସମୟରେ ବଜ୍ରପାତରେ ମୃତ୍ୟୁବରଣ କରିଥିଲେ । ମୃତା ମହୁମିତାଙ୍କ ଦୁଇଟି ପୁତ୍ର ଓ କନ୍ୟା ସନ୍ତାନ ଥିବାବେଳେ ସେ ୭ ମାସର ଗର୍ଭବତୀ ଥିଲେ । ଗୋପବନ୍ଧୁନଗର ଗ୍ରାମରେ କାଳବୈଶାଖୀର ପ୍ରଭାବରେ ପ୍ରାୟ ୧୦ ଟି ପରିବାରର ମାଟି ଘର ଭୁଷୁଡି ପଡିଛି । ତିହିଡି ବ୍ଲକ୍ ଅଧୀନ ବାହାବଳପୁର ପଂଚାୟତର ଦେବେନ୍ଦ୍ର ଧଳ ଓ ତାଙ୍କ ୩ ଭାଇଙ୍କର ଆଜବେଷ୍ଟସ୍ ଘର ଉପରେ ଏକ ଚାକୁଣ୍ଡା ଗଛ ପଡିଯିବାରୁ ଚାରିବଖରା ଘର ସଂପୂର୍ଣ୍ଣ ନଷ୍ଟ ହୋଇଥିବାର ଖବର ମିଳିଛି । ନାୟକାଣୀଡିହି ଥାନା ଅଧୀନସ୍ଥ କରଞ୍ଜଆଡିଆ ଗ୍ରାମର ରଘୁନାଥ ତରାଇ ଏହି କାଳବୈଶାଖୀ ଯୋଗୁଁ ଆହତ ହୋଇଥିବାର ଜଣାପଡିଛି ।

# ମଠ, ମନ୍ଦିର ପୂଜକ, ପୁରୋହିତଙ୍କୁ ସହାୟତା ଦାବି

**ଭୁବନ,(ପିଏନ)-** କରୋନା ର କରାଳ ରୂପକୁ ପ୍ରଶମିତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତାଲାବନ୍ଦ ଅବଧିକୁ ବୃଦ୍ଧି କରିବାରେ ଲାଗିଛନ୍ତି । ଏଥିପାଇଁ ବିଶେଷକରି ଦୀନ ମଜୁରିଆ, ଦଳିତ, ପଛୁଆବର୍ଗ, ଅସହାୟ ଲୋକମାନଙ୍କ ସହିତ ମଠ ମନ୍ଦିର ପୂଜକମାନେ ପ୍ରଭାବିତ ହେଉଛନ୍ତି । ସବୁଠି କଟକଣାକୁ କଡାକଡି କରାଯିବା ସହ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି । ସେଥିପାଇଁ ଶ୍ରଦ୍ଧାଳୁ ଭକ୍ତ ମାନେ ମଠ ମନ୍ଦିର କୁ ପ୍ରବେଶ କରିପାରୁ ନାହାନ୍ତି । ଏଥିପାଇଁ ମନ୍ଦିର ପୂଜକ ମାନେ ଦାନ ଦକ୍ଷିଣାରୁ ବଂଚିତ ହେଉଛନ୍ତି । ଅଧିକାଂଶ ପୁରୋହିତ ଙ୍କର ରାସନକାର୍ଡ ନଥିବାରୁ ସରକାରଙ୍କ ପ୍ରଦତ ଚାଉଳ ଓ ୧ ହଜାର ଟଙ୍କା ସହାୟତା ମଧ୍ୟ ପାଉନାହାନ୍ତି । ବିବାହ, ବ୍ରତଘର ମଧ୍ୟ ବନ୍ଦ ଥିବାରୁ ସେମାନଙ୍କର ରୋଜଗାର ସଂପୂର୍ଣ୍ଣ ବନ୍ଦ ହୋଇପଡିଛି । ଫଳରେ ସେମାନଙ୍କ ପରିବାର ପ୍ରତିପୋଷଣରେ ବାଧା ସୃଷ୍ଟି ହୋଇଛି । ନିକଟରେ ରାଜ୍ୟ ସରକାର ଶ୍ରୀମନ୍ଦିର ସେବକମାନଙ୍କୁ ୫ ହଜାର ଟଙ୍କା ଲେଖାଁଏ ସହାୟତା ଘୋଷଣା କରିଛନ୍ତି । ହେଲେ ଗ୍ରାମାଂଚଳ ଓ ସହରାଂଚଳରେ ଥିବା ବିଭିନ୍ନ ମଠ ମନ୍ଦିରର ପୂଜକ, ସେବକମାନଙ୍କୁ ସରକାର ଭୁଲି ଯାଇଛନ୍ତି ।

# ବିଜେପି ତରଫରୁ ଗରିବ ଲୋକଙ୍କୁ ମାକ୍ସ, ସାବୁନ ଓ ଶୁଖିଲା ଖାଦ୍ୟ ବଂଟନ

**ଭୁବନ,(ପିଏନ)-** ଭାରତୀୟ ଜନତା ପାର୍ଟି ,ଭୁବନ ନଗରମଣ୍ଡଳ ତରଫରୁ ଗତକାଲି ଓ ଆଜି ବିଭିନ୍ନ ୱାର୍ଡରେ ଗରିବ ଲୋକଙ୍କୁ ମାକ୍ସ,ସାବୁନ ସମେତ ଶୁଖିଲା ଖାଦ୍ୟ ପୁଡିଆ ବଂଟନ କରାଯାଇଥିଲା । ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱ ଓ ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ବିହାରୀଙ୍କ ତତ୍ୱାବଧାନରେ ୭ ନମ୍ବର,୮ ନମ୍ବର,୧୩,୧୪ ଓ ୧୫ ନମ୍ବର ୱାର୍ଡର ପ୍ରାୟ ୧୫୦ ଜଣ ଅବହେଳିତ, ନିଷ୍ପେସିତ, ଗରିବ ଲୋକମାନଙ୍କୁ ମାକ୍ସ, ସାବୁନ ଓ ଶୁଖିଲା ଖାଦ୍ୟ ପୁଡିଆ ପ୍ରଦାନ କରାଯିବା ସହିତ ବାରମ୍ବାର ସାବୁନରେ ହାତ ଧୋଇବା, ମାକ୍ସ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଫଳରେ କରୋନାକୁ ଜିତିପାରିବା ବୋଲି ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ତରଫରୁ ସନ୍ତୋଷ ରାଉଳ, ଜଗବନ୍ଧୁ ଗୁରୁ, ନିର୍ମଳ ଗୁରୁ, ସୁଶାନ୍ତ ନାୟକ, ନିର୍ମଳ ଚନ୍ଦ୍ର ପୋଥାଳ, ପାପୁନା ବାରିକ ପ୍ରମୁଖ ସହଯୋଗ କରିଥିଲେ । ଆଗକୁ ମଧ୍ୟ ଏହି କାର୍ଯ୍ୟ ଚାଲୁ ରହିବ ବୋଲି କୁହାଯାଇଛି ।

ହିନ୍ଦୁସ୍ଥାନ ସମାଚାର/ସୁଶାନ୍ତ/ବୀଣାପାଣି

# ତକ୍ଷଶୀଳା ତରଫରୁ କୁମର୍ଦ୍ଦା ଗ୍ରାମରେ ମାକ୍ସ,ସାନିଟାଇଜର ସଚେତନତା ଓ ଶୁଖିଲା ଖାଦ୍ୟ ବଂଟନ

**ଭୁବନ,(ପିଏନ)-** ଭାରତୀୟ ବିଦ୍ୟା ନିକେତନ, ତକ୍ଷଶୀଳା ଚାରିଟେବୁଲ ଟ୍ରଷ୍ଟ ତରଫରୁ ଭୁବନ ବ୍ଲକ ବାଲିବୋ ପଂଚାୟତର କୁମର୍ଦ୍ଦା ଓ ନୂଆକୁମର୍ଦ୍ଦା ଗ୍ରାମରେ ମହାମାରୀ କରୋନା ବିରୋଧରେ ଲଢିବା ପାଇଁ ଲୋକଙ୍କୁ ସଚେତନତା କରାଯାଇଥିଲା । ଟ୍ରଷ୍ଟି ଜଗବନ୍ଧୁ ପୃଷ୍ଟିଙ୍କ ନେତୃତ୍ୱରେ ଅକ୍ଷୟ କୁମାର ବରାଳ, କାହ୍ନୁଚରଣ ସାହୁ, ସୁଶାନ୍ତ ଦାସ, ଚନ୍ଦନ ଧୀର, ଧୀରେନ୍ଦ୍ର ପୃଷ୍ଟି, ନାରାୟଣ ବେହେରା, କାର୍ତିକ ଚନ୍ଦ୍ର ସାହୁ, ଶିଶିର ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ କୁମର୍ଦ୍ଦା ଗ୍ରାମରେ ଲୋକଙ୍କୁ ମାକ୍ସ ବଂଟନ କରିବା ସହିତ ସାନିଟାଇଜର ଜରିଆରେ ଲୋକଙ୍କୁ ହାତଧୂଆ ଶିଖାଇଥିଲେ ଓ ଶୁଖିଲା(ଚୁଡା, ବିସ୍କୁଟ, ସୁଜି) ଖାଦ୍ୟ ପୁଡିଆ ବଂଟନ କରିଥିଲେ ।

# ଦୁଗ୍ଧଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଉ -ଓଡ଼ିଶା କୃଷକ ସଭା

**ଭୁବନେଶ୍ୱର, (ପିଏନ)-**କୋଭିଡ୍ -୧୯ ମହାମାରୀ ଜନିତ ତାଲାବନ୍ଦୀ ପରିସ୍ଥିତିରେ "ଦୁଗ୍ଧ ଚାଷୀ ଏବଂ ଗୋ-ସମ୍ପଦ' ଅବସ୍ଥା ଅତି ଗୁରୁତର ହୋଇ ପଡିଛି । ଏକ ଆକଳନରୁ ଜଣାପଡିଛି ଯେ ଓଡିଶାରେ ସ୍ୱାଭାବିକ ସମୟରେ ୨୦ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହୋଇଥାଏ । ସେଥିରୁ ମାତ୍ର ୫ ଲକ୍ଷ ଲିଟର ଦୁଗ୍ଧ ଓମ୍‌ଫେଡ୍ ସଂଗ୍ରହ କରିଥାଏ ଏବଂ ଘରୋଇ କମ୍ପାନୀମାନେ ୨ଲକ୍ଷ ଲିଟର ସଂଗ୍ରହ କରିଥାନ୍ତି । ବଳକା ୧୩ ଲକ୍ଷ ଲିଟର ଦୁଗ୍ଧ ଛେନା, ପନିର୍ ସହିତ ମିଠା ଦୋକାନରେ ବିକ୍ରୀ କରିଥାନ୍ତି । ମାତ୍ର ବର୍ତମାନ ସମସ୍ତ ମିଠା ଦୋକାନ ବନ୍ଦ ଯୋଗୁଁ ଛେନା ଉତ୍ପାଦନ ମଧ୍ୟ ବନ୍ଦ ହୋଇ ଯାଇଛି । ଓମ୍‌ଫେଡ୍ ବ୍ୟତୀତ ଅନ୍ୟାନ୍ୟ ଦୁଗ୍ଧ ବିକ୍ରି ସମ୍ପୂର୍ଣ୍ଣଭାବେ ବନ୍ଦ ହୋଇଯାଇଛି । ତେଣୁ ଲକ୍ଷ ଲକ୍ଷ ଲିଟର ଦୁଗ୍ଧ ବିକ୍ରି ହୋଇପାରୁନାହିଁ । ଅନ୍ୟ ଦିଗରେ ଗାଈମାନେ ବଂଚିବା ପାଇଁ ଚାଷୀ ଦାନା ଦେବାକୁ ବାଧ୍ୟ । ଓଡିଶାରେ ଗୋ ସମ୍ପଦ ବା ଗାଈ ସଂଖ୍ୟା ପ୍ରାୟ ୫ ଲକ୍ଷ ହେବ । ଏହି ଗାଈମାନଙ୍କୁ ବଂଚିବା ପାଇଁ ଗାଈ ସଂଖ୍ୟା ଏବଂ ଦୁଗ୍ଧ ଚାଷୀମାନଙ୍କୁ ହିସାବ କରି ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା କରିବା ଦରକାର । 'ଦୁଗ୍ଧଚାଷୀ ଏବଂ ଗାଈ' ଉଭୟ ବଂଚିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବା ନିମନ୍ତେ ଓଡିଶା କୃଷକ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ କହିଛନ୍ତି । ଅନ୍ତତଃ ପ୍ରତ୍ୟେକ ଗାଈ/ମଇଁଷି ପାଇଁ ଦାନା ଦେବାକୁ ୧ ହଜାର ଟଙ୍କା ଦେବା ସହିତ ଦୁଗ୍ଧ କ୍ଷତି ଜନିତ ର କ୍ଷତିପୂରଣ ଚାଷୀକୁ ଦିଆଯାଉ ।

# କ୍ଷତିଗ୍ରସ୍ତ ମୁଗ ଓ ଡାଲୁଅ ଚାଷୀଙ୍କୁ କ୍ଷତିପୂରଣ ଦାବି

**କେନ୍ଦ୍ରାପଡ଼ା,(ପିଏନ)-** ଜିଲ୍ଲାରେ ଅଦିନିଆ ବର୍ଷା ଲାଗି ରହିଥିବାରୁ ଦାଲୁଅ ଚାଷ ନଷ୍ଟହେବା ସହ ମୁଗ ଓ ବିରି ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏନେଇ ଚାଷୀମାନେ ଜିଲ୍ଲା କୃଷି ଅଧିକାରୀଙ୍କୁ ସାକ୍ଷାତ କରି କ୍ଷୟକ୍ଷତି ଆକଳନ କରିବା ସହ କ୍ଷତି ପୂରଣ ଦାବି କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଏନେଇ ଶୁକ୍ରବାର ଜିଲ୍ଲା କୃଷି ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି । ଡେରାବିଶ ବ୍ଲକର ଚାଷୀ ପ୍ରାୟତଃ ମୁଗ ଫସଲ କରନ୍ତି । ମୁଗ ଅମଳ ସମୟରେ ଲଗାତାର ବର୍ଷା ହେବା କାରଣରୁ ଚାଷୀ ମାନଙ୍କର ଡାଲି ଜାତୀୟ ଫସଲ ମୁଗ ସଂପୂର୍ଣ୍ଣ ଉଜୁଡି ଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏ ସଂପର୍କରେ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲା କୃଷି ଅଧରକାରୀ ଙ୍କୁ ଭେଟି କ୍ଷୟକ୍ଷତିର ଆକଳନ କରିବାକୁ ଦାବି କରିଛନ୍ତି । କରୋନା ଆଡରେ ଚାଷୀମାନଙ୍କ କ୍ଷୟକ୍ଷତିକୁ ଅଣଦେଖା କରାଯିବା ଉଚିତ୍ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଚଳିତ ବର୍ଷ ଖରିପ ଧାନ କିଣା ଅବଧି ସରକାର ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ କରିବେ ବୋଲି ଘୋଷଣା କରିଥିଲେ । ଚାଷୀମାନେ ଏପର୍ଯ୍ୟନ୍ତ ମଣ୍ଡରେ ଧାନ ଦେଇପାରି ନଥିବା ଏବଂ ଟୋକନ ଧରି ବସିଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଲଗାଣ ବର୍ଷା ଫଳରେ ମୁଗ, ବିରି ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯିବାରୁ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି । ଏହାକୁ ଆକଳନ କରି ଚାଷୀଙ୍କୁ କ୍ଷତି ପୂରଣ ଦେବାପାଇଁ ସଂଘର ସଭାପତି ପଣ୍ଡିତ ଶରତ ମିଶ୍ର, ଅଞ୍ଜନ କୁମାର ପଲାଇ ପ୍ରମୁଖ ଦାବି କରିଛନ୍ତି ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbko@gmail.com, paryabekhyak@gmail.com,paryabekhyak2020@rediffmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray